ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.22 . No.215, Bhubaneswar Saturday, October 05, 2019 | ୨୨ତମ ବର୍ଷ ସଂଖ୍ୟା–୨୧୫ ଭୁବନେଶ୍ୱର ଶନିବାର, ଅକ୍ଟୋବର ୦୫, ୨୦୧୯ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ନାବାଳିକାକୁ ଯୌନ ନିର୍ଯ୍ୟାତନା ମାମଲାରେ ଅଭିଯୁକ୍ତକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ଭଦ୍ରକ, ୪।୧୦(ପି.ଏନ):ଆଜି ଭଦ୍ରକର ସ୍ୱତନ୍ତ୍ର ପୋସ୍କୋ କୋର୍ଟର ବିଚାରପତି ପ୍ରଣତି ସାହା ପୁରୁଣାବଜାର ଥାନା ଅଂଚଳର ଜଣେ ଯୁବକକୁ ନାବାଳିକା ଯୌନ ନିର୍ଯ୍ୟାତନା ମାମଲାରେ ପୋସ୍କୋ ଆଇନ୍‌ର ଧାରା ୪ ଓ ପିଙ୍ଗଳ କୋଡ୍‌ର ଦଫା ୩୭୬ (୨) ମୂଳେ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ପ୍ରାପ୍ତ ଖବରରୁ ଯାହା ଜଣାଯାଏ ୨୦୧୬ ଡିସେମ୍ବର ୨୯ ତାରିଖ ଦିନ ପୁରୁଣାବଜାର ଥାନା ଅଧୀନସ୍ଥ ମିରମହଲା ଗ୍ରାମନିବାସୀ ସେକ୍ ଅବଦୁଲଙ୍କ ପୁତ୍ର ସେକ୍ ଇକ୍‌ବାଲ (୨୯) ସେହି ଗ୍ରାମର ନାରାୟଣ ଚନ୍ଦ୍ର ହାଇସ୍କୁଲରେ ୯ମ ଶ୍ରେଣୀରେ ପଢୁଥିବା ଜନୈକା ୧୪ ବର୍ଷର ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ବାରମ୍ବାର ଶାରୀରିକ ସଂପର୍କ ସ୍ଥାପନ ପୂର୍ବକ ଗର୍ଭବତୀ କରାଇଥିଲା। ଡାକ୍ତରୀ ପରୀକ୍ଷାରୁ ପରିବାର ଲୋକେ ଏକଥା ଜାଣିବା ପରେ ପୁରୁଣାବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ୨୦୪/୧୬, ଦଫା ୩୭୬ (୨)(ଘ) ଓ ନାବାଳିକା ଯୌନ ନିର୍ଯ୍ୟାତନା ନିରୋଧ ଆଇନ୍‌ର ଦଫା ୬ ରେ ମାମଲା ରୁଜୁ କରି ଗତ ୨୦୧୭ ଜାନୁୟାରୀ ୩ ରେ ଇକ୍‌ବାଲକୁ ଗିରଫ କରିଥିଲା। ସେ ବିଚାରଧୀନ ବନ୍ଦୀ ଭାବେ ସେହିଦିନରୁ ଜେଲ୍‌ରେ ଅଟକ ରହିଛି। ତେବେ ସ୍ପେଶାଲ କେଶ୍ ନଂ ୬୪/୧୬ ରେ ବିଚାରକରି ମାନ୍ୟବର କୋର୍ଟ ଆଜି ଇକ୍‌ବାଲକୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ପୀଡିତାଙ୍କ ପକ୍ଷରୁ ସରକାରୀ ଓକିଲ ମନୋରଂଜନ ଦାସ ମାମଲା ପରିଚାଳନା କରୁଥିଲେ।

## ଦାୟିତ୍ୱ ଗ୍ରହଣ କଲେ ନୂତନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ

ଭୁବନେଶ୍ୱର, ୪।୧୦ ଶୁକ୍ରବାର ପୂର୍ବାହ୍ନରେ ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଶ୍ରୀ ସୁଶୀଲ କୁମାର ଲୋହାନୀ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ସୁରେନ୍ଦ୍ର କୁମାରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଜେପୁର ଉପନିର୍ବାଚନ ପ୍ରକ୍ରିୟା ଚାଲୁ ରହିଥିବାରୁ ଶ୍ରୀ ସୁରେନ୍ଦ୍ର କୁମାର ନିର୍ବାଚନ ସଂପର୍କିତ କାର୍ଯ୍ୟକ୍ରମଗୁଡ଼ିକୁ ନୂତନ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଇଥିଲେ । ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସମସ୍ତ ବରିଷ୍ଠ ଅଧିକାରୀ, ଉପବିଭାଗୀୟ ଅଧିକାରୀ, ସହକାରୀ ଉପବିଭାଗୀୟ ଅଧିକାରୀ ଏବଂ ଅନ୍ୟ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ଶ୍ରୀ ଲୋହାନୀଙ୍କୁ ସ୍ୱାଗତ କରିଥିଲେ । ଅପରାହ୍ନରେ ନୂତନ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟର ସବୁ କର୍ମଚାରୀମାନଙ୍କୁ ନେଇ ବିଜେପୁର ଉପନିର୍ବାଚନ ସଂପର୍କରେ ଏକ ସମୀକ୍ଷା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଅଭୟ କୁମାର ନାୟକ ଓ ଶ୍ରୀ ହରିବଲ୍ଲଭ ମିଶ୍ର, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଶତ୍ରୁଘ୍ନ କର ଓ ଶ୍ରୀ ଭବାନୀ ପ୍ରସାଦ ରାୟ, ଉପମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ନିତିରଞ୍ଜନ ସେନ୍, ବୈଷୟିକ ବିଭାଗର ବରିଷ୍ଠ ଅଧିକାରୀ, ସମସ୍ତ ଅନୁଶାସନ ସଚିବ, ଉପବିଭାଗୀୟ ଅଧିକାରୀ ଓ ସହକାରୀ ଉପବିଭାଗୀୟ ଅଧିକାରୀମାନେ ସମୀକ୍ଷା ବୈଠକରେ ଯୋଗଦେଇଥିଲେ।

## ଆସନ୍ତା ୧୦ ରୁ ବିଜେପୁର ପ୍ରଚାର ମୈଦାନକୁ ଓହ୍ଲାଇବେ ନିରଞ୍ଜନ

ଭୁବନେଶ୍ୱର, ୪।୧୦(ପି.ଏନ): ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ବିଜେପୁର ଉପନିର୍ବାଚନ ନିମନ୍ତେ ଆସନ୍ତା ୧୦ ତାରିଖ ଠାରୁ ପ୍ରଚାର ମୈଦାନକୁ ଓହ୍ଲାଇବେ । ଏହି ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ବିଜୟ ସୁନିଶ୍ଚିତ ବୋଲି ସେ କହିଛନ୍ତି । ଗତ ନିର୍ବାଚନ ଏବଂ ଉପନିର୍ବାଚନରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ହିଁ ରହିଯାଇଛି ।

## ଉପରାଷ୍ଟ୍ରପତିଙ୍କ ଦିନିକିଆ ଓଡ଼ିଶା ଗସ୍ତ ୬ରେ

ଭୁବନେଶ୍ୱର, ୪।୧୦(ପି.ଏନ): ଆସନ୍ତା ୬ ତାରିଖରେ ଭାରତର ଉପରାଷ୍ଟ୍ରପତି ଭେଙ୍କେୟା ନାଇଡୁ ଦିନିକିଆ ଓଡ଼ିଶା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବେ। ମିଳିଥିବା ସୂଚନା ଅନୁସାରେ ଓଡ଼ିଶା ରହଣୀ ସମୟରେ କିଟରେ ଆୟୋଜିତ ବିଶ୍ୱ କବି କଂଗ୍ରେସର ଉଦଯାପନ ଉତ୍ସବରେ ସାମିଲ ହେବେ। ପରେ କଟକସ୍ଥିତ ଜବାହରଲାଲ୍ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହେବାକୁ ଥିବା ଦୈନିକ ସମ୍ବାଦପତ୍ର ସମାଜର ଶତବାର୍ଷିକୀ କାର୍ଯ୍ୟକ୍ରମରେ ଯୋଗ ଦେବେ।

## ପୂଜା ମଣ୍ଡପ ଓ ଦେବୀ ପୀଠରେ ମା ଦୂର୍ଗାଙ୍କ ଷଷ୍ଠୀ ପୂଜା ଆରମ୍ଭ

ଭୁବନେଶ୍ୱର, ୪।୧୦(ପି.ଏନ): ଆଜି ରାଜ୍ୟରେ ବିଭିନ୍ନ ପୂଜା ମଣ୍ଡପ ଓ ଦେବୀ ପୀଠ ମାନଙ୍କରେ ମା ଦୂର୍ଗାଙ୍କ ଷଷ୍ଠୀ ପୂଜା ଆରମ୍ଭ ହୋଇଛି । ବେଲବରଣୀ ସହ ଏହି ପୂଜାକାର୍ଯ୍ୟ ରୀତିନୀତି ମୁତାବକ ଆରମ୍ଭ ହୋଇଛି ।

## ବିକାଶ ପାଇଁ ସହମତି ନିର୍ମାଣରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହୁ :ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର, ୪।୧୦(ପି.ଏନ): ବିକାଶ ପାଇଁ ସହମତି ନିର୍ମାଣରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହୁ ବୋଲି କନକ୍ ନ୍ୟୁଜ୍‌ର ୧୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସାଢେ ୪ ବର୍ଷ ବିକାଶ ଓ ଶେଷ ୬ ମାସ ଖୋଲା ରାଜନୈତିକ ଓ ବୈଚାରିକ ଲଢେଇ ପାଇଁ ମତ ରଖିବା ସହ ଗଣମାଧ୍ୟମ ବିକାଶକୁ ମୂଳ ଏଜେଣ୍ଡା କରୁ ବୋଲି ଶ୍ରୀ ପ୍ରଧାନ ଏହି ଅବସରରେ କହିଛନ୍ତି। ଗଣମାଧ୍ୟମ ନିର୍ଭିକ ଓ ନିରପେକ୍ଷ ସାମ୍ବାଦିକତା ମାଧ୍ୟମରେ ସମାଜରେ ବିତର୍କ ସୃଷ୍ଟି କରୁ। ଏହା ଦ୍ୱାରା ଲୋକଙ୍କୁ ସେମାନଙ୍କର ମତ ତିଆରି କରିବାରେ ସହଜ ହେବ ବୋଲି ସେ କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ସମାଜରେ ସମସ୍ତଙ୍କୁ ବିଶୁଦ୍ଧ ପାଣି ମିଳୁ, ସମସ୍ତେ ଆର୍ଥିକ ସମ୍ପନ୍ନତା ହୁଅନ୍ତୁ, ସମସ୍ତଙ୍କୁ ଶିକ୍ଷା, ପୃଷ୍ଟିକର ଖାଦ୍ୟ, ସ୍ୱାସ୍ଥ୍ୟ ଓ ରୋଜଗାର ମିଳୁ ଏ ଦିଗରେ କାହାର ଭିନ୍ନ ମତ ନଥାଏ। ମାତ୍ର ଏସବୁ କେଉଁ ବ୍ୟବସ୍ଥାରେ ଦିଆଯିବ, କିଭଳି ଦିଆଯିବ ସେ ବିଷୟରେ ସମସ୍ତଙ୍କ ଚିନ୍ତାଧାରା ଭିନ୍ନ ଆସିବା ସ୍ୱାଭାବିକ। ତେଣୁ ଏହି ସବୁ ପ୍ରସଙ୍ଗକୁ ନିରପେକ୍ଷ ଭାବରେ ଉଚିତ୍ ବିତର୍କ କରି ଲୋକମାନଙ୍କ ଆଗରେ ଉପସ୍ଥାପନ କରିବା ଗଣମାଧ୍ୟମର ଦାୟିତ୍ୱ।"ସେହିପରି ଓଡିଶାର ୨୫ଟି ଜିଲ୍ଲାରେ ନବଜାତ ଶିଶୁକୁ ୧୫ ବର୍ଷ ହେବା ପର୍ଯ୍ୟନ୍ତ ଯେତେ ପରିମାଣର ପୃଷ୍ଟିକର ଖାଦ୍ୟ ଖାଇବା କଥା ତାହାର ଅଭାବ କାରଣରୁ ରାଜ୍ୟରେ କୁପୋଷଣ ଦେଖାଯାଇଛି। ଆଉ ୧୭ ବର୍ଷ ପରେ ଓଡିଶା ଭାଷାଭିତ୍ତିକ ରାଜ୍ୟ ଭାବେ ୧୦୦ ବର୍ଷ ପୂରଣ ହେବ। ତେବେ ପୃଷ୍ଟିକର ଖାଦ୍ୟ ଉପଲବ୍ଧ କରିବା କେବଳ ସରକାରଙ୍କର ଦାୟିତ୍ୱ ନା ସମାଜର ଭୂମିକା ରହିଛି ସେ ଦିଗରେ ଚିନ୍ତା କରିବା ଦରକାର। ଏହାକୁ ପ୍ରସଙ୍ଗ କରି ଗଣମାଧ୍ୟମ ବିତର୍କ କରିବାର ଆବଶ୍ୟକତା ରହିଛି । ଯେଉଁ ସମାଜ ନିଜର ଦାୟିତ୍ୱ ସମ୍ପର୍କରେ ଅଧିକରୁ ଅଧିକ ଜାଗୃତ ଅଛି ସେହି ସମାଜକୁ କେହି ଅଟକାଇପାରିବେ ନାହିଁ । ଜର୍ମାନ୍ ଓ ଇସ୍ରାଏଲ ଭଳି ରାଷ୍ଟ୍ର ପୃଥିବୀ ପାଇଁ ମଡେଲ୍ ସୃଷ୍ଟି କରିଛନ୍ତି। ଦୁଇଟି ବିଶ୍ୱଯୁଦ୍ଧର କେନ୍ଦ୍ର ବିନ୍ଦୁ ଜର୍ମାନ ବିକଟାଳ ସ୍ଥିତିରୁ ବାହାରି ନୂଆ ଅର୍ଥନୀତିର କେନ୍ଦ୍ରବିନ୍ଦୁ ହୋଇଛି। ସାମାଜିକ ଦୃଷ୍ଟିରୁ ଦେଖିବାକୁ ଗଲେ ଇସ୍ରାଏଲରେ ପାଣିର ଅଭାବ ଥିବା ପରେ ମଧ୍ୟ ସେମାନେ ଉନ୍ନତମାନର ଚାଷ କରି ଦୁନିଆ ପାଇଁ ଗୋଟେ ମଡେଲ୍ ତିଆରି କରିପାରିଛି। ଓଡିଶାରେ ନଅଙ୍କ ଦୁର୍ଭିକ୍ଷ ହେବା ପରେ ମଧ୍ୟ ରାଜ୍ୟରେ ଅଧିକ ଯେତେ ପ୍ରଗତି କରିବା କଥା କାହିଁକି ହୋଇନାହିଁ । ଏ ପ୍ରସଙ୍ଗରେ ମଧ୍ୟ ବିତର୍କ କରାଯିବା ଦରକାର। ଆଗାମୀ ଦିନରେ ବିଶ୍ୱ କେଉଁ ମୂଲ୍ୟବୋଧକୁ ନେଇ ଆଗକୁ ଯିବାପାଇଁ ଯାଉଛି। ଆଗାମୀ ଦିନରେ ଭାରତ କଣ ହେବ, ଭାରତରେ ଓଡିଶା କେଉଁଠି ରହିବ, ଲୋକମାନେ ରହିବେ ତାହାକୁ ଭାବିବାର ଆବଶ୍ୟକତା ରହିଛି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡିଶା ପୃଥିବୀର ଗୋଟେ କେନ୍ଦ୍ର ବିନ୍ଦୁ ହୋଇପାରିବ । ଏହାକୁ କ୍ରିୟାନ୍ୱୟନ କରିବାର ଆବଶ୍ୟକତା ରହିଛି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ସାଂପ୍ରତିକ ସମୟରେ ଖବରକାଗଜ ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତି ଓଡିଶାର ସାମାନ୍ୟ ଲୋକଙ୍କ ଆସ୍ଥା ଓ ଭାରସା ରହିଛି। ସାଢେ ୪ କୋଟି ଓଡିଆ ଭାଷାଭାଷୀ ଲୋକଙ୍କର ଗଣମାଧ୍ୟମ ସମୂହ ପ୍ରତି ଆସ୍ଥାଭାଜନ ହୋଇପାରିଛି, ଯାହା ସମସ୍ତଙ୍କ ପାଇଁ ଉପଲବ୍ଧିର ବିଷୟ। ଓଡିଆ ଗଣମାଧ୍ୟମ ଓଡିଆ ଜାତିର ବୁଦ୍ଧିମତା ଓ ଆଗକୁ ଦେଖିବାର ଦୃଷ୍ଟିଭଙ୍ଗୀ ପରିପ୍ରକାଶର ଏକ ଅଙ୍ଗ ହେବ ଏହା ରାଜ୍ୟର ଗଣମାଧ୍ୟମ ଠାରୁ ଆଶା ଓ ଅପେକ୍ଷା କରିବା ସ୍ୱାଭାବିକ । ନୂଆ ଓଡିଶା ନିର୍ମାଣରେ ଗଣମାଧ୍ୟମର ବଡ ଭୂମିକା ରହିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ଆର୍‌ଏମ୍‌ସି ଓ ଆର୍‌ଡିଏ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବିରେ ଏଡିଏମ୍ ଅଫିସ୍ ଘେରାଉ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ




ରାଉରକେଲା, ୪।୧୦(ପି.ଏନ): ରାଜ୍ୟ ବିଜେଡି ସରକାର ୫-ଟିର କଥା କହି ଶାସନ ଓ ପ୍ରଶାସନରେ ଟ୍ରାନ୍ସଫରେନ୍ସି ଅର୍ଥାତ୍ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରୁଥିବା ବେଳେ ଶିଳ୍ପ ସହର ରାଉରକେଲାରେ ଆଖିବୁଜା ଦୁର୍ନୀତି ଚାଲିଛି। ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ (ଆର୍‌ଡିଏ) ଓ ମହାନଗର ନିଗମ (ଆର୍‌ଏମ୍‌ସି) ଏସବୁ ଦୁର୍ନୀତିର ପ୍ରମୁଖ କେନ୍ଦ୍ର ହୋଇଥିବାରୁ ଭିଜିଲାନ୍ସ ତଦନ୍ତ ପାଇଁ କଂଗ୍ରେସ ତରଫରୁ ଦାବି କରାଯାଇଛି । ଆଜି ତା-୪.୧୦.୧୯ରିଖରେ ସୁନ୍ଦରଗଡ ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ନେତୃତ୍ୱରେ ହଜାର ହଜାର କଂଗ୍ରେସ କର୍ମୀ ମ୍ୟୁନିସିପାଲିଟି ଛକଠାରୁ ଏକ ବିଶାଳ ଶୋଭାଯାତ୍ରାରେ ଯାଇ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହି ଅବସରରେ ଶ୍ରୀ ତିର୍କୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିରେନ ସେନାପତି, ବରିଷ୍ଠ ନେତା ପ୍ରଶାନ୍ତ ସେଠୀ, ଯୁବନେତା ରୋହିତ ଯୋଶେଫ ତିର୍କୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ ଓ ଦେବବ୍ରତ ବିହାରୀ, ଅନ୍ୟତମ ବରିଷ୍ଠ ନେତା ସବୀର ହୁସେନ, ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଳିୟାରସିଂ, ସରପ□ ଇମଲିଆ ତିର୍କୀ ଓ ଆଲମା ଲାକ୍ରା ପ୍ରମୁଖ ବକ୍ତବ୍ୟ ରଖି ଆର୍‌ଡିଏର ଛେଣ୍ଡ ସେଣ୍ଟ୍ରାଲ ପାର୍କରେ ୧.୮୧ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ କରିଛନ୍ତି। ପାର୍କ ଭିତରେ ପୋଖରୀ କିମ୍ବା ବୋଟ୍ ନଥିବାବେଳେ ବୋଟିଂ କମ୍ପ୍ଲେକ୍ସ ପାଇଁ ଖର୍ଚ୍ଚ ହୋଇଥିବା ୪୫ ଲକ୍ଷ ଟଙ୍କା କୁଆଡେ ଗଲା ବୋଲି ବକ୍ତାମାନେ ପ୍ରଶ୍ନ କରି ବର୍ତ୍ତମାନର ବିଧାୟକ ସାରଦା ପ୍ରସାଦ ନାୟକ ଆର୍‌ଡିଏ ଅଧ୍ୟକ୍ଷ ଥିବାବେଳେ ଏହି ପାର୍କ ଦୁର୍ନୀତି ହୋଇଥିବାରୁ ଏଥିରେ ସେ ସିଧାସଳଖ ସମ୍ପୃକ୍ତ ବୋଲି ଅଭିଯୋଗ କରିଥିଲେ। ସମ୍ପ୍ରତି ଏହି ପାର୍କ ଏକ କ୍ଷୁଦ୍ର ଜଙ୍ଗଲରେ ପରିଣତ ହୋଇଥିବା ବେଳେ ସରକାରୀ ଦଳ ଓ କଳ ଏ ବାବଦରେ କାହିଁକି ନୀରବ ବୋଲି ବକ୍ତାମାନେ ପ୍ରଶ୍ନ କରିଥିଲେ । ଏହି ପରି ଗତ ୩ ବର୍ଷ ମଧ୍ୟରେ ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍ ପ୍ରାୟ ୩୭୬ କୋଟି ଟଙ୍କା ସରକାରୀ ଅନୁଦାନ ପାଇଥିବା ବେଳେ ସହରରେ ଅଦ୍ୟାବଧି ଗୋଟିଏ ହେଲେ ପ୍ରକଳ୍ପ କରିପାରି ନାହିଁ। ପରନ୍ତୁ ସ୍ମାର୍ଟସିଟି ପାଣ୍ଠିରୁ ଦରମା ଓ କନ୍‌ସଲଟାନ୍ସି ଫି ବାବଦରେ ପ୍ରାୟ ୨୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହରିଲୁଟ୍ ହୋଇଛି । ଗତ ୨୦୧୮-୧୯ ଆର୍ଥିକ ବର୍ଷରେ ବ୍ରାହ୍ମଣୀ ନଦୀ ଉତ୍ସବ ନାଁରେ ନାଚଗୀତ କରାଯାଇ ପ୍ରାୟ ୯୪ ଲକ୍ଷ ଟଙ୍କା ଲୁଣ୍ଠନ କରାଯାଇଥିବା ବେଳେ ବିଜୁ ଯୁବ ବାହିନୀ ନାଁରେ ନାଚଗୀତ, ବୃକ୍ଷ ରୋପଣ ଓ ରକ୍ତଦାନ ଇତ୍ୟାଦି କାର୍ଯ୍ୟକ୍ରମ ବାହାନାରେ ପ୍ରାୟ ୩୫ ଲକ୍ଷ ଟଙ୍କା ସରକାରୀ ଦଳ କର୍ମୀମାନେ ବାଣ୍ଟି ଖାଇଯାଇଛନ୍ତି। ସାଧାରଣ ଟିକସଦାତାଙ୍କ ଅର୍ଥକୁ ଏହିପରି ଭାବେ ଆର୍‌ଏମ୍‌ସି ଓ ଆର୍‌ଡିଏରେ ଲୁଣ୍ଠନ କରାଯାଉଥିବାରୁ ସ୍ୱଚ୍ଛତା କଥା କହୁଥିବା ମୁଖ୍ୟମନ୍ତ୍ରୀ ନବୀନ ବାବୁ ଏସବୁର ଭିଜିଲାନ୍ସ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ତରଫରୁ ଦାବି କରାଯାଇ ସ୍ଥାନୀୟ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ତାଙ୍କୁ ଦାବିପତ୍ର ଜ୍ଞାପନ କରାଯାଇଛି। ଏସବୁ ଦୁର୍ନୀତିର ତଦନ୍ତରେ ଯଦି ରାଜ୍ୟ ସରକାର ଟାଳଟୁଳ ନୀତି ଧରନ୍ତି ତେବେ ଜିଲ୍ଲାବ୍ୟାପି ବ୍ୟାପକ ଆନ୍ଦୋଳନ ହେବ ବୋଲି ଶ୍ରୀ ତିର୍କୀ ଚେତାବନୀ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ସଭ୍ୟା ଜ୍ୟୋତି ଡୁଙ୍ଗଡୁଙ୍ଗ, ବରିଷ୍ଠ ନେତା ଚିତ୍ତରଞ୍ଜନ ମହାନ୍ତି, ଉମେଶ ଶରଣ, ଆର୍.ପି. ସିଂ, ସୁନୀଲ ପଟ୍ଟନାୟକ, ଜଗଦିଶ ଅଗ୍ରୱାଲ, ଇନ୍ଦ୍ରମୋହନ ପଣ୍ଡା, ପ୍ରଫୁଲ୍ଲ ପ୍ରଧାନ, କୈଳାସ ସାହୁ, ରଘୁନାଥ ପ୍ରଧାନ, ଜ୍ଞାନେନ୍ଦ୍ର ଦାସ, ଛାତ୍ରକଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ବାରିକ, ବରିଷ୍ଠ ନେତା ସୁଧାକର ମଲ୍ଲିକ, ଗଡବିନ ଟପ୍ପୋ, ସୁନ୍ଦରଗଡ ମହିଳା ସଭାନେତ୍ରୀ ସରୋଜିନୀ ବାଙ୍କରା, ସେରୋଫିନା ଟପ୍ପୋ, ଯୋଗେନ୍ଦ୍ର ଲୋହାର, ରାଜେଶ ଟପ୍ପୋ, ସିଦ୍ଧେଶ୍ୱର ମଲ୍ଲିକ, ସରୋଜ ଲେଙ୍କା, ପ୍ରମୋଦ ପ୍ରଧାନ, ଗୋପୀନାଥ ରଣା, ଅନ ବେହେରା, ଅମ୍ବିକା ଟପ୍ପୋ, ରିତା ମଲ୍ଲିକ, ବିରେନ୍ଦ୍ର ଖେସ୍, ଶଶି ସାଗର, ବିକ୍ରମ ପଟ୍ଟନାୟକ, ରାଜନ ଦାସ, ପ୍ରଦୀପ ସାହୁ, ରନ ଓଝା, ଚକ୍ରଧର ମାହାତୋ, ରଘୁ ଦାସ, ସରୋଜ ଜେନା, ଏମ୍‌ଡି ଇମାମ, ଏମ୍‌ଡି ସମୀମ, ସଇଦ୍ ଖାନ, ଆବିଦ୍ ହୁସେନ, ସୁଧୀର ନାଥ, ବାନ୍ଦେ ଏକ୍କା, ଶୋଭା ସିଂ, ବ୍ରିନ୍ଦା ପ୍ରସାଦ, ସରସ୍ୱତୀ ଦାସ, ଗୀତା ସାହୁ, ସରୋଜିନି ମହାପାତ୍ର, ସୁବାଷ ପାତ୍ର, ଭୋଲେଶ୍ୱର ଅହିର, ବିଜୟ ଆପଟ, ଧର୍ମେନ୍ଦ୍ର ପରମାର, ଲୋକନାଥ ଭୂମିଜ, ଜ୍ଞାନେନ୍ଦ୍ର ମାହାତୋ, ପବନ ସାହୁ, ସୁନୀଲ ସିଂ, ରାଜେନ୍ଦ୍ର ରଜାକ, ଜିତେନ୍ଦ୍ର ଦାସ, କାର୍ତ୍ତିକ ବେଉରିଆ, ବୁଲୁ ଦାସ, ରତିକାନ୍ତ ମଲ୍ଲିକ, ଡେଭିଜ ପ୍ରଧାନ, ଅମୀୟ ଦାସ, ଇଗନୁସ ହରୋ, ଦିଲ୍ଲୀପ ଜେନା, ବିଶ୍ୱଭୂଷଣ ସର, ଶ୍ୟାମ ସାଗର, ଶିବୁ ଓରାମ, ବିପିନ ଠାକୁର, ପ୍ରଦ୍ୟୁମ୍ନ ଷଡଙ୍ଗୀ, ଦିଲ୍ଲୀପ ଲାହିରି, ଶରତ ବେହେରା, ଛାତ୍ରନେତା ଏମ୍‌ଡି ସଦାବ, ବିକି ମିଶ୍ରା, ମଧୁସୂଦନ ଭୋଇନା, ନାରାୟଣ ବଡାଇକ, ଶୁକଦେବ ପଣ୍ଡା, ସଂଗ୍ରାମ ବେହେରା, ପ୍ରଦୀପ୍ତ ମହାପାତ୍ର, ନରେନ୍ଦ୍ର ବର୍ମା, ଇନ୍ଦୁ ବାଗ, ମମତା ଦତ୍ତ, ମୁ ଦେବୀ ପ୍ରମୁଖଙ୍କ ସମେତ ପ୍ରାୟ ୨ ହଜାର ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ଓ ସମର୍ଥକ ଅଂଶଗ୍ରହଣ କରିଥିଲେ।

## ବିଧାୟକ ନୁହେଁ, ୫-ଟି ସଚିବଙ୍କ ଲାଗି ରାତିଅଧିଆ ରାସ୍ତା ମରାମତି

ରାଉରକେଲା, ୪।୧୦(ପି.ଏନ): ବିଧାୟକ ନୁହେଁ ରାଜ୍ୟ ସରକାରଙ୍କ ୫-ଟି ସଚିବଙ୍କ ଲାଗି ରାଉରକେଲା ମହାନଗର ରାତିଅଧିଆ କିଛି ରାସ୍ତାଗୁଡିର ମରାମତି କାମ କଲା ବୋଲି ଲିଡ ରାଉରକେଲା ପକ୍ଷରୁ ସଫେଇ ଦିଆଯାଇଛି । ରାଉରକେଲା ବିଧାୟକ ସାରଦା ବାବୁ ହନୁମାନ ବାଟିକା ରାସ୍ତା ମରାମତି ରାତି ଅଧରେ ହେଉଥିବା ବେଳେ ସେଠାରେ ପହଁଚି ବେଲଚା ମାରିବା ଦୃଶ୍ୟ ଆଜି ସକାଳୁ ସୋସିଆଲ ମିଡିଆରେ ଭାଇରାଲ୍ ହେବା ସହ କେତେକ ଟିଭିରେ ମଧ୍ୟ ଏ ସଂକ୍ରାନ୍ତୀୟ ଖବର ପ୍ରସାରଣ ହୋଇଥିଲା । ଫଳରେ ସାରଦା ବାବୁଙ୍କୁ ଅନେକ ପ୍ରଶଂସା କରିବା ସହ ତାଙ୍କ ଏରିଆରେ ଥିବା ସମସ୍ୟାକୁ ସମାଧାନ ଲାଗି ଅନୁରୋଧ ରଖିଲେ। ଏହି ଖବର ଲିଡ୍ ରାଉରକେଲାର ଅଇର ମହାନ୍ତି ପ୍ରମୁଖଙ୍କ ପାଖରେ ପହଁଚିବା ପରେ ସେମାନେ କହିଛନ୍ତି ଏଥିରେ ସାରଦା ବାବୁଙ୍କର କିଛି ପାରିବା ପଣିଆ ନାହିଁ। ଦୁଇଦିନ ତଳେ ସେମାନେ ସହରର ରାସ୍ତା ଘାଟର ସମସ୍ୟା ନେଇ ଆରଏମସିକୁ ଯାଇଥିବା ବେଳେ ସେଠାରେ ଆରଏମସି ବର୍ତମାନ ରାସ୍ତା ଗୁଡିକର ମରାମତି କରିବା ସମ୍ଭବ ନୁହେଁ ବୋଲି ଜଣାଇଥିଲା। କମିଶନର ଛୁଟିରେ, ଡେପୁଟୀ କମିଶନର ଏହି କଥା କହୁଛନ୍ତି । ରାତି ପାହିଲେ ପୁଜା ଆସୁଛି । ଲୋକେ ଯାତାୟାତ ବେଳେ ଦୁର୍ଘଟଣାରେ ପଡିବେ । ଏଲଆଣ୍ଡଟି ରାସ୍ତା ଖୋଳିଛି ହେଲେ ମରାମତି ନକରି ଚୁପ୍ ହୋଇ ବସିଛି । ତା' ପଛରେ ବି ଜଣେ ବଡ ନେତାଙ୍କ ଆର୍ଶିବାଦ ରହିଛି। ଏତେ ସବୁ ସମସ୍ୟା ଥିବାରୁ ଲିଡ୍ ରାଉରକେଲା ପକ୍ଷରୁ ଏନେଇ ରାଜ୍ୟ ୫-ଟି ସଚିବ, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ପ୍ରତାପ ଜେନାଙ୍କୁ ସମସ୍ୟା ବାବଦରେ ଅବଗତ କରାଯାଇଥିଲା । ଫଳରେ ରାତା ରାତି ଭୁବନେଶ୍ୱରରୁ ଆଦେଶ ଆସିବାରୁ ରାତି ଅଧିଆ କାମ ଆରମ୍ଭ ହେଲା । ଏ ଖବର ପାଇ ସାରଦା ବାବୁ ସେଠାରେ ପହଁଚି ବେଲଚା ମାରି କୁଆଡେ ବାହାଦୁରୀ ନେବାକୁ ଚାହୁଁଥିଲେ ବୋଲି ଲିଡ ରାଉରକେଲା ପକ୍ଷରୁ କୁହାଯାଇଛି । ତେବେ ଏହି ମାମଲାର ଶ୍ରେୟ କିଏ ନେବ ସେନେଇ ସହରରେ ଚର୍ଚ୍ଚା ଜୋର୍ ଧରିଛି । ଖାଲି ଏହି ରାସ୍ତା ନୁହେଁ ସହରର ଛେଣ୍ଡ କଲୋନୀ ଠାରୁ ବାସନ୍ତୀ କଲୋନୀ, ସିଭିଲଟାଉନ ଅଂଚଳରେ ରାସ୍ତା ସବୁ ଏଲଆଣ୍ଡଟି ଖୋଳି ନିଜ ପାଇପ କାମ କରି ତାକୁ ଆଉ ମରାମତି କରିନାହିଁ । ଫଳରେ ଲୋକେ ନାନା ସମସ୍ୟାରେ ପଡୁଛନ୍ତି । ଏକଥା କେବେ ହେଲେ ବିଧାୟକଙ୍କୁ ଦେଖାଯାଉନଥିଲା । ଯେମିତି ୫-ଟି ସଚିବ କହିଲେ କାମ ଆରମ୍ଭ ହେଲା ଓ ସେମିତି ରାତିଅଧିଆ ବିଧାୟକ ରାସ୍ତାରେ ଶ୍ରମିକ ପାଲଟି ବାହାଦୁରୀ ନେବାକୁ ଆଗେଇ ଗଲେ ବୋଲି ସମାଲୋଚନା କରାଯାଇଛି ।

## ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



### ୰ ତାରାମଣୀ ପଣ୍ଡା

ଓଲ୍ଡ଼ ଟାଉନ, ଭୁବନେଶ୍ୱର-୨

**ତିରୋଧାନ: ୨୪.୯.୨୦୧୯**

ତୁମର ଆଦର୍ଶ, ସଚ୍ଚୋଟତା, କର୍ମନିଷ୍ଠା ଓ ସ୍ନେହ ଆମ ସମସ୍ତଙ୍କ ପାଇଁ ଅମର ହୋଇ ରହିବ । ଅନେକ ସ୍ମୃତି ... ଅଶ୍ରୁଳ , ତୁମର ପ୍ରତିଟି କାର୍ଯ୍ୟ ଓ ଦାୟିତ୍ୱ ପାଇଁ ଆମ୍ଭେ ଆଜି ... ତୁମ୍ଭେ ଥିଲାବେଳେ ତୁମର ଆବଶ୍ୟକତା ଆମ ପାଇଁ କେତେ ଗୁରୁତ୍ୱ ଥିଲା ତାହା ଆଜି ହିଁ ଉପଲବ୍ଧ କରୁଛୁ । ତୁମର ଅମର ଆତ୍ମା ଚିର ଶାନ୍ତି ଓ ସଦ୍‌ଗତି ଲାଭ କରୁ ଜଗନ୍ନାଥଙ୍କ ଠାରେ ଭକ୍ତିପୁତ ପ୍ରାର୍ଥନା କରୁଛୁ ।

ପୁତ୍ର - ମାନସ, ଶାରଦା, ନଳିନୀ, ବୋହୂ - ନିର୍ମଳା, ତରଣୀବାଳା, ରଞ୍ଜିତା, ଅଞ୍ଜନା, ଝିଅ - ନିରୁପମା, ଜ୍ୱାଇଁ- ସତ୍ୟଞ୍ଜିବୀ, ନାତି- ଗୋଲଡ଼ି, ତତ୍ତ୍ୱମସି, ଶୁଭମ୍, ପପୁନ୍, ଦୀପନ୍,
ନାତୁଣୀ - ଶୋଭନା, ମାମୁନି, ମାମାଲି








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କିନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। ‘ବିବି ହୋ ୟୌସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଇଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା ‘ବିଶ୍ୱକର୍ମା’

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା’ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ “ଦି ଇଣ୍ଟରଭ୍ୟୁ ଟାଇମ୍ସ” ପରିବାର ତରଫରୁ ସମ୍ମାନଜନକ “ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି” ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସ୍ୱତନ୍ତ୍ର ସଂଖ୍ୟା “ଭିଜନ୍ ଅଫ୍ ଓଡ଼ିଶା-୨୦୧୯” ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପ୍ୟୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୂଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

# ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ



ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ପୁରାଣରେ ମା' ଦୁର୍ଗା





**ହି**ନ୍ଦୁ ପୁରାଣ ଓ ଲୋକ ମାନ୍ୟତା ନେଇ ଅନେକ ବିଶ୍ୱାସ ରହିଛି। ତେବେ ବିଜୟ। ତା ହେଲେ ଆସନ୍ତୁ ଜାଣିବା ଏ ଅନୁଯାୟୀ ନବରାତ୍ର ଏବଂ ବିଜୟାଦଶମୀକୁ ସେ ସବୁର ମୂଳ କଥା ସତ୍ୟ ଉପରେ ଅସତ୍ୟର ସମ୍ପର୍କିତ କିଛି କାହାଣୀ।

**ମହିଷାସୁର ଓ ଦେବୀ ଦୁର୍ଗା :** ହିନ୍ଦୁ ପୁରାଣ ଅନୁଯାୟୀ ମହିଷାସୁର ନାମକ ରାକ୍ଷସ ନିଜର ତପସ୍ୟାରେ ଭଗବାନ ଶିବଙ୍କୁ ସନ୍ତୁଷ୍ଟ କରି କୌଣସି ମଣିଷ ବା ଦେବତାଙ୍କ ଦ୍ୱାରା ହତ ନହେବାର ବର ପ୍ରାପ୍ତ ହେଲା। ଏହି ଅମୂଲ୍ୟ ବର ମିଳିବା ପରେ ସେ ଶକ୍ତିରେ ମତ ହୋଇ ନିଜକୁ ସର୍ବଶକ୍ତିମାନ ମନେ କଲା। ଏହାପରେ ସେ ତିନିଲୋକରେ ଆତଙ୍କର ବାତାବରଣ ସୃଷ୍ଟି କଲା। ପାତାଳ ଓ ପୃଥିବୀ ଉପରେ ବିଜୟ ଲାଭ କରିବା ପରେ ସେ ଇନ୍ଦ୍ରଲୋକ ଅଧିକାର କରିବା ପାଇଁ ବାହାରିଲା। ସ୍ୱର୍ଗରୁ ସବୁ ଦେବତାଙ୍କୁ ବିତାଡ଼ିତ କରିଦେଲା। ଦେବତାମାନେ ବ୍ରହ୍ମ, ବିଷ୍ଣୁ ଓ ମହେଶ୍ୱରଙ୍କ ଶରଣ ପସିଲେ। ସେମାନଙ୍କ ଗୁହାରି ଶୁଣି ବିଷ୍ଣୁ ଏବଂ ଶିବ ନିଜର ଶକ୍ତିକୁ ଏକାଠି କରି ଜଣେ ଶକ୍ତିଶାଳୀ ଦେବୀ ସୃଷ୍ଟି କଲେ। ତ୍ରିଦେବଙ୍କ ବ୍ୟତୀତ ଯମ, ଚନ୍ଦ୍ରମା, ଇନ୍ଦ୍ର, ବରୁଣ, ସୂର୍ଯ୍ୟ ଆଦି ଅନେକ ଦେବତା ନିଜର ଶକ୍ତି ଏବଂ ଅସ୍ତ୍ର ପ୍ରଦାନ କଲେ ଉକ୍ତ ଦେବୀଙ୍କୁ। ଦେବତାମାନଙ୍କ ଶକ୍ତିରୁ ସୃଷ୍ଟି ହୋଇଥିବାରୁ ତାଙ୍କ ନାମ ରଖାଗଲା ଶକ୍ତି ବା ଦୁର୍ଗା।

ଦୁର୍ଗାଙ୍କୁ ଦେଖିବା ପରେ ତାଙ୍କ ସୌନ୍ଦର୍ଯ୍ୟରେ ବିମୋହିତ ମହିଷାସୁର ତାଙ୍କୁ ବିବାହ କରିବାକୁ ଚାହିଁଲା। ଦୁର୍ଗା କହିଲେ, ମତେ ଯୁଦ୍ଧରେ ପରାସ୍ତ କଲେ ମୁଁ ବିବାହ କରିବି। ଯୁଦ୍ଧ ଆରମ୍ଭ ହେଲା ଏବଂ ନଅଦିନ ଚାଲିଲା। ଶେଷରେ ମହିଷାସୁର ପରାସ୍ତ ହେଲା। ଦୁର୍ଗା ନିଜ ବାମଗୋଡ଼ରେ ମହିଷାକୁ ମାଡ଼ିବସି ତ୍ରିଶୂଳରେ ତା'ର ଛାତିକୁ ବିଦ୍ଧ କଲେ। ଏହି ୯ଦିନର ଯୁଦ୍ଧ ନବରାତ୍ର ଭାବରେ ଖ୍ୟାତ। ଦଶମ ଦିନ ବିଜୟର ଖୁସିରେ ଦେବତାମାନେ ବିଜୟା ଦଶମୀ ମନାଇଲେ।

**ଅମ୍ବିକା ଓ ଶୁମ୍ଭ-ନିଶୁମ୍ଭ :** ଏହାପରେ ପୁଣିଥରେ ଶୁମ୍ଭ-ନିଶୁମ୍ଭ ନାମକ ଦୁଇଜଣ ରାକ୍ଷସ ପ୍ରବଳ ଶକ୍ତିଶାଳୀ ହୋଇ ଦେବତାମାନଙ୍କ ଉପରେ ଆକ୍ରମଣ କରି ସେମାନଙ୍କୁ ପରାସ୍ତ କଲେ। ଦେବତାମାନେ ପୁଣିଥରେ ଦେବୀଙ୍କ ଶରଣାପନ୍ନ ହେଲେ। ଏଥର ଦେବୀ କୌଶିକା ଦୁର୍ଗା ବା ଅମ୍ବିକାଙ୍କ ରୂପ ନେଲେ। ଅମ୍ବିକାଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ରାକ୍ଷସମାନେ ତାଙ୍କୁ ବିବାହ କରିବାକୁ ଚାହିଁଲେ। ଦେବୀ କହିଲେ, ଯିଏ ମୋତେ ଯୁଦ୍ଧରେ ପରାସ୍ତ କରିବ ମୁଁ ତାକୁ ବିବାହ କରିବି। ଦେବୀଙ୍କୁ ବିବାହ କରିବା ପାଇଁ ଧୂମ୍ରଲୋଚନ, ଚଣ୍ଡ, ମୁଣ୍ଡ, ରକ୍ତବୀଜ ଆଦି ରାକ୍ଷସମାନେ ତାଙ୍କ ସହ ଯୁଦ୍ଧ କରି ମୃତ୍ୟୁବରଣ କଲେ। ଶେଷରେ ଆସିଲେ ଶୁମ୍ଭ ଓ ନିଶୁମ୍ଭ। ଦେବୀ ସେମାନଙ୍କୁ ମଧ୍ୟ ହତ୍ୟା କଲେ। ଏହି ଦିନ ଥିଲା ବିଜୟା ଦଶମୀ।

**ଚାମୁଣ୍ଡା :** ଦୁର୍ଗାଙ୍କ ମଥାରୁ ଭୟଙ୍କର ଏବଂ କୃଷ୍ଣବର୍ଣ୍ଣା ଦେବୀ କାଳୀ ସୃଷ୍ଟି ହେଲେ। ଚଣ୍ଡ ଓ ମୁଣ୍ଡଙ୍କ ଶୀରଚ୍ଛେଦ କରିଥିବାରୁ ସେ ଚାମୁଣ୍ଡା ଭାବରେ ଖ୍ୟାତ ହେଲେ। କିନ୍ତୁ ଦେବୀ ଯେତେବେଳେ ରକ୍ତବୀଜ ସହ ଲଢ଼ିଲେ ସେତେବେଳେ ତାଙ୍କୁ ଅଧିକ କଷ୍ଟ କରିବାକୁ ପଡ଼ିଲା। କାରଣ ରକ୍ତବୀଜର ଶରୀରରୁ ବାହାରୁଥିବା ରକ୍ତ ବୁନ୍ଦା ଭୂମିସ୍ପର୍ଶ କରିବା ମାତ୍ରେ ଆଉ ଏକ ରାକ୍ଷସ ସୃଷ୍ଟି ହେଉଥିଲା। ଏହିଠାରେ କାଳୀ ଦୁର୍ଗାଙ୍କୁ ସହଯୋଗ ଦେଇଥିଲେ ରକ୍ତବୀଜ ଦେହରୁ ବୋହୁଥିବା ସବୁ ରକ୍ତକୁ ଶୋଷିନେଇ କାଳୀ ଝରୁଥିବା ରକ୍ତ ଶୋଷିନେବାରୁ ଆଉ ଏକ ରକ୍ତବୀଜ ସୃଷ୍ଟି ହୋଇପାରୁନଥିଲା। ଫଳରେ ଦୁର୍ଗା ରକ୍ତବୀଜକୁ ହତ୍ୟା କରିପାରିଲେ। ନିଶୁମ୍ଭକୁ ହତ୍ୟା କରିବା ପରେ ଦେବୀ ଅନ୍ୟର ସାହାର୍ଯ୍ୟ ନେଉଛନ୍ତି ବୋଲି ଶୁମ୍ଭ ଅଭିଯୋଗ କଲା। ଏହାପରେ ଦେବୀ ନିଜର ଶକ୍ତିମାନଙ୍କୁ ଏକାଠି କରି ନିଜ ଶହ ମିଶାଇ ଦେଲେ ଏବଂ ଯୁଦ୍ଧରେ ଶୁମ୍ଭକୁ ହତ୍ୟା କଲେ।

**ପ୍ରତି ଯୁଗରେ ଦୁର୍ଗା :** ହିନ୍ଦୁପୁରାଣ ଅନୁଯାୟୀ ପ୍ରତ୍ୟେକ ଯୁଗରେ ଶକ୍ତି ଆରାଧନାର ପରମ୍ପରା ରହିଛି। ବିଭିନ୍ନ ଯୁଗରେ ଶକ୍ତି ଆରାଧନା ସଂପର୍କରେ ମାର୍କଣ୍ଡେୟ ପୁରାଣରେ ବର୍ଣ୍ଣିତ ହୋଇଛି। ଏହି ପୁରାଣ ଅନୁଯାୟୀ ସତ୍ୟଯୁଗରେ ରାଜା ସୁରଥ ନିଜର ଆଧ୍ୟାତ୍ମିକ ମାର୍ଗଦର୍ଶକ ମହର୍ଷି ମେଧାଙ୍କ ପରାମର୍ଶକ୍ରମେ ଦୁର୍ଗାଙ୍କୁ ତପସ୍ୟା କରି ନିଜର ହୃତ ସାମ୍ରାଜ୍ୟ ଫେରି ପାଇଥିଲେ। ତ୍ରେତୟା ଯୁଗରେ ଜନକନନ୍ଦିନୀ ସୀତା ରାମଚନ୍ଦ୍ରଙ୍କୁ ସ୍ୱାମୀ ରୂପରେ ପାଇବା ପାଇଁ ଦେବୀ ବିରଜାଙ୍କୁ ପୂଜା କରିଥିଲେ। ଦ୍ୱାପର ଯୁଗରେ ଗୋପୀମାନେ କାତ୍ୟାୟନୀ ଦେବୀଙ୍କୁ ଆରାଧନା କରି ଭଗବାନ କୃଷ୍ଣଙ୍କୁ ନିଜର ଆଧ୍ୟାତ୍ମିକ ପ୍ରେମିକ ଭାବରେ ପାଇଥିଲେ। ଦୁର୍ଗାଙ୍କ ଆଶୀର୍ବାଦରୁ ରୁକ୍ମିଣୀ ଭଗବାନ କୃଷ୍ଣଙ୍କୁ ବିବାହ କଲେ ଏବଂ କୃଷ୍ଣ ଶିଶୁପାଳକୁ ପରାସ୍ତ କଲେ। କୁରୁକ୍ଷେତ୍ରରେ ମହାଭାରତ ଯୁଦ୍ଧ ପୂର୍ବରୁ କୃଷ୍ଣଙ୍କ ଉପଦେଶକ୍ରମେ ଅର୍ଜୁନ ଦେବୀ ଦୁର୍ଗାଙ୍କୁ ଆରାଧନା କରି ତାଙ୍କ ଠାରୁ କର୍ଣ୍ଣ ଉପରେ ବିଜୟର ବର ପ୍ରାପ୍ତ ହୋଇଥିଲେ। କଳିଯୁଗରେ ରାମକୃଷ୍ଣ ପରମହଂସ ଏବଂ ନିଗମାନନ୍ଦଙ୍କ ପରି ମହାନ୍ ସାଧକ ଏବଂ ଆଧ୍ୟାତ୍ମିକ ଗୁରୁମାନେ ଦେବୀଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥିବାର ଜଣାଯାଇଛି।

**ଦୁର୍ଗା ଓ କଂସ :** ଯେତେବେଳେ କଂସର ବନ୍ଦୀଶାଳାରେ କୃଷ୍ଣ ଜନ୍ମ ହେଲେ ସେତେବେଳେ ନନ୍ଦପୁରରେ ଯଶୋଦାଙ୍କ କୋଳରେ ଦୁର୍ଗା କାତ୍ୟାୟନୀ ରୂପରେ ଜନ୍ମ ନେଲେ। ବସୁଦେବ ଶିଶୁ କୃଷ୍ଣଙ୍କୁ ଯଶୋଦାଙ୍କ କୋଳରେ ଦେଇ କାତ୍ୟାୟିନୀଙ୍କୁ ନେଇ ମଥୁରା ଫେରିଲେ। କଂସ ପାଖରେ ଦେବକୀଙ୍କ ସନ୍ତାନ ଜନ୍ମର ଖବର ପହଞ୍ଚିବା ମାତ୍ରେ ସେ ସେଠାରେ ପହଞ୍ଚି ଶିଶୁକନ୍ୟାକୁ ଶିଳାରେ ପିଟି ମାରିବାକୁ ଚେଷ୍ଟା କଲା। କିନ୍ତୁ କାତ୍ୟାୟନୀ ତଳେ ନପଡ଼ି ଉପରକୁ ଉଠିଲେ ଏବଂ କଂସକୁ ଜଣାଇଲେ ସେ ଦୁର୍ଗା। ଏଥିସହ କୃଷ୍ଣଙ୍କ ଦ୍ୱାରା ନିହତ ନହେବା ପାଇଁ ନିଜକୁ ବଦଳାଇବାକୁ ସେ କଂସକୁ ସତର୍କ କରିଦେଲେ।

**ରାମ ଓ ଦେବୀ ଦୁର୍ଗା :** ସୀତାଙ୍କୁ ଉଦ୍ଧାର କରିବା ପାଇଁ ରାବଣ ସହ ଯୁଦ୍ଧ କରିବା ପୂର୍ବରୁ ରାମ ଦୁର୍ଗାଙ୍କ ଆଶୀର୍ବାଦ ନେଇଥିଲେ। ଦୁର୍ଗାଙ୍କୁ ସନ୍ତୁଷ୍ଟ କରିବା ପାଇଁ ତାଙ୍କୁ ୧୦୮ଟି ନୀଳ ପଦ୍ମ ଆବଶ୍ୟକ ଥିଲା, କିନ୍ତୁ ୧୦୭ଟି ମିଳିଲା। ଅବଶିଷ୍ଟ ଗୋଟିଏ ପଦ୍ମ ପାଇଁ ରାମ ନିଜର ନୀଳ ନୟନ ଦେବୀ ଦୁର୍ଗାଙ୍କୁ ଅର୍ପଣ କରିବାକୁ ଉଦ୍ୟତ ହେଲେ। ରାମଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଦେବୀ ତାଙ୍କୁ ବିଜୟର ବରଦାନ ଦେଲେ। ରାବଣ ଅଷ୍ଟମୀ ଓ ନବମୀ ତିଥିର ସନ୍ଧିକ୍ଷଣରେ ନିହତ ହେଲେ। ବିଜୟା ଦଶମୀ ଦିନ ତାଙ୍କର ଶେଷକୃତ୍ୟ ସମାପନ କରାଗଲା।

**ପାଣ୍ଡବ ଓ ସମୀବୃକ୍ଷ :** ବାର ବର୍ଷର ବନବାସ ପରେ ଗୋଟିଏ ସମୀବୃକ୍ଷର କୋରଡ଼ରେ ନିଜର ସମସ୍ତ ଅସ୍ତ୍ରଶସ୍ତ୍ର ରଖି ବର୍ଷକର ଅଜ୍ଞାତବାସ ପାଇଁ ପାଣ୍ଡବମାନେ ବିରାଟ ରାଜାଙ୍କ ରାଜ୍ୟକୁ ପ୍ରବେଶ କଲେ। ଗୋଟିଏ ବର୍ଷ ଶେଷ ହେବା ପରେ ସେମାନେ ସମୀବୃକ୍ଷ କୋରଡ଼ରୁ ଅସ୍ତ୍ରଶସ୍ତ୍ର ବାହାର କରି ନିଜର ପ୍ରକୃତ ପରିଚୟ ଦେଲେ। ଏହି ଦିନ ଥିଲା ଦଶହରା। ସେବେଠାରୁ ଦଶହରା ଦିନରେ ଲୋକମାନେ ପରସ୍ପରକୁ ସମୀପତ୍ର ଦିଅନ୍ତି। ଏହା ଶୁଭେଚ୍ଛା ଓ ବିଜୟର ପ୍ରତୀକ।

**କୌତ୍ସ ଓ ଗୁରୁଦକ୍ଷିଣା:** ନିଜର ବିଦ୍ୟା ଗ୍ରହଣ ପରେ ଦେବଦତ୍ତଙ୍କ ପୁଅ କୌତ୍ସ ଗୁରୁ ଭରତେନ୍ଦୁଙ୍କୁ ଗୁରୁଦକ୍ଷିଣା ଦେବାକୁ ବାହାରିଲେ। ଗୁରୁ କୌତ୍ସଙ୍କୁ ଶିଖାଇଥିବା ଚଉଦଟି ବିଜ୍ଞାନ ପାଇଁ ଚଉଦ କୋଟି ସ୍ୱର୍ଣ୍ଣମୁଦ୍ରା ମାଗିଲେ। କୌତ୍ସ ଏହି ଗୁରୁଦକ୍ଷିଣା ମାଗିବା ପାଇଁ ଦାନୀ ରାଜା ରଘୁରାଜଙ୍କ ପାଖକୁ ଗଲେ। କିନ୍ତୁ ସେତେବେଳକୁ ବ୍ରାହ୍ମଣମାନଙ୍କୁ ନିଜର ସବୁ ଧନ ଦାନ କରିସାରିଥିଲେ ରଘୁରାଜ। ତେଣୁ କୌତ୍ସଙ୍କୁ ୧୪ କୋଟି ସ୍ୱର୍ଣ୍ଣମୁଦ୍ରା ଦେବା ପାଇଁ ରଘୁ ଇନ୍ଦ୍ରଙ୍କ ଠାରୁ ଏହା ମାଗିବାକୁ ଗଲେ। ଇନ୍ଦ୍ରଙ୍କ ଆଦେଶକ୍ରମେ କୁବେର ରାଜା ରଘୁଙ୍କ ରାଜ୍ୟ ଅଯୋଧ୍ୟାର ପ୍ରତ୍ୟେକ ଶାନୁ ଏବଂ ଅପତି ଗଛ ଉପରେ ସ୍ୱର୍ଣ୍ଣମୁଦ୍ରା ବର୍ଷା କଲେ। ଏ ସମସ୍ତ ସ୍ୱର୍ଣ୍ଣମୁଦ୍ରା ରଘୁ କୌତ୍ସଙ୍କୁ ପ୍ରଦାନ କଲେ। କୌତ୍ସ ଗୁରୁଙ୍କୁ ୧୪ କୋଟି ସ୍ୱର୍ଣ୍ଣମୁଦ୍ରା ଦେବା ପରେ ବଳକା ମୁଦ୍ରା ଅଯୋଧ୍ୟାବାସୀଙ୍କ ମଧ୍ୟରେ ବାଣ୍ଟିଦେଲେ। ଏହି ଦିନ ଥିଲା ଦଶହରା। ସେବେଠାରୁ ଦଶହରା ଦିନରେ ଅଯୋଧ୍ୟାର ଲୋକମାନେ ଅପତି ଗଛର ପତ୍ର ତୋଳି ପରସ୍ପରକୁ ଉପହାର ଦିଅନ୍ତି।

**ଡଃ. ଅରୁନ୍ଧତୀ ଦେବୀ, ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ : ୯୯୩୭୧୭୨୮୧୦**

# ଯା ଦେବୀ ସର୍ବଭୂତେଷୁ !





**ଭା**ରତରେ ପାଳିତ ହେଉଥିବା ବିଶିଷ୍ଟ ପର୍ବପର୍ବାଣୀ ମଧ୍ୟରୁ ଦଶହରା ଅନ୍ୟତମ। ସହରମାନଙ୍କରେ ଏହା ଖୁବ୍ ଜାକଜମକରେ ହେଉଥିବାବେଳେ ଗ୍ରାମାଞ୍ଚଳରେ ଅତି ଭକ୍ତି ଓ ନିଷ୍ଠାର ସହ ପାଳନ କରାଯାଏ। ବିଷ୍ଣୁ ପୂଜା, ଶିବ ପୂଜା ଓ ମାତୃପୂଜାର ପ୍ରଶସ୍ତ ଅବସର ଆରମ୍ଭ ହୁଏ ଗଣେଶ ପୂଜା ଠାରୁ ଏବଂ କାର୍ତ୍ତିକେଶ୍ୱର ପୂଜାରେ ମାନସିକତା ବିଶ୍ରାମ ନିଏ। ବିଭିନ୍ନ ପର୍ବପର୍ବାଣୀ ପାଳନର ତାତ୍ପର୍ଯ୍ୟ ଜାଣିବା ନିତାନ୍ତ ଆବଶ୍ୟକ, ନଚେତ୍ କେବଳ ଶାରୀରିକ, ଆର୍ଥିକ ଶ୍ରମ ହିଁ ସାର ହେବ। ଦଶହରା ଦୁର୍ଗାପୂଜା ଅନ୍ତରାଳରେ ଥିବା କିମ୍ବଦନ୍ତୀକୁ ଅନ୍ତରର ସହ ବିଶ୍ୱାସ କରିବାକୁ ହେବ। ଏଗୁଡ଼ିକ କେବଳ ମାତ୍ର ଗଳ୍ପ ବା ଅନ୍ଧବିଶ୍ୱାସ ନୁହେଁ। ଆଜିକାଲି ମଣିଷ ଏଭଳି ଅବସ୍ଥାରେ ଅଛି ଯେ ସେ ସମୟରେ ଯାହା ଘଟିଥିଲା ତାହାକୁ ବିଶ୍ୱାସ କରିପାରୁନାହିଁ। ଏହାର କାରଣ ଖୋଜିବସିଲେ ଦେଖାଯାଏ ସେ ସମୟର ତପସ୍ୟା ଆଜିକାଲି ନାହିଁ, ସେ ସମୟରେ ପାଳିତ ହେଉଥିବା ମୂଲ୍ୟବୋଧ, ଆଦର୍ଶ, ଦାନଶୀଳତା, କର୍ମନିଷ୍ଠା, ଗୁରୁଜନ ଭକ୍ତି, ମାତୃଜାତି ପ୍ରତି ସମ୍ମାନ, ନାରୀମାନଙ୍କ ସତୀତ୍ୱ ଓ ଜନସାଧାରଣଙ୍କ ଚରିତ୍ରବତ୍ତା ଆଜିକାଲି ବିରଳ। ଦୁଃଖର କଥା ସେଥିପାଇଁ କେହି ଦୁଃଖିତ ବା ଅନୁତପ୍ତ ନୁହନ୍ତି। ଅପରପକ୍ଷରେ ଅଧିକାଂଶ ପରିଶ୍ରମକାତର, ଗୁରୁ-ଗୁରୁଜନଙ୍କ କଥା ଓ ଆପ୍ତବାକ୍ୟ ପ୍ରତି ଉଦାସୀନ, ଶାସ୍ତ୍ରୋକ୍ତ ନୀତି ନିୟମର ଅବହେଳା, ତା ସାଙ୍ଗକୁ ଆରାମ ପ୍ରଦ ଜୀବନ ଦରକାର, ଅଳ୍ପ ପରିଶ୍ରମରେ ଅଧିକ ଉପାର୍ଜନ ଦରକାର, କେହି ଆମର ଦୋଷ ଗୁଣ ଦେଖାଇବେ ନାହିଁ, ଯଦି କେହି କହିଲା ମାନସମ୍ମାନ ହରାଇବା ସୁନିଶ୍ଚିତ, କର୍ତ୍ତବ୍ୟଜ୍ଞାନ ନଥାଇ ଅଧିକାର ପ୍ରାପ୍ତ ହେବାର ଇଚ୍ଛା, ସମାଜ ପ୍ରତି ମୋ କର୍ତ୍ତବ୍ୟକୁ ସମ୍ପାଦନ ନକରି ସମାଜ ମୋ ପାଇଁ କ'ଣ ନକଲା ତାହାର ହିସାବ କରିବା, ପରିବାରର ଭିତରେ ମଧ୍ୟ ଅବସ୍ଥା ପୁରାପୁରି ସ୍ୱାର୍ଥକୈନ୍ଦ୍ରିକ, ସମାଜର ଅଭାବଗ୍ରସ୍ତ ଲୋକଙ୍କୁ ସାହାଯ୍ୟ କରିବା ଦୂରେ ଥାଉ, ପରିବାର ଭିତରେ ମଧ୍ୟ କେହି କାହା ପାଇଁ ଚିନ୍ତିତ ନୁହନ୍ତି, ସ୍ୱାର୍ଥପରତାପୂର୍ଣ୍ଣ ମନ ଓ ହୃଦୟର ରାଜତ୍ୱ ଏପରି ସ୍ଥଳେ ପୌରାଣିକ ସମୟର କଥା କିପରି ବିଶ୍ୱାସ ହୁଅନ୍ତା ?

ତଥାପି ସୌଭାଗ୍ୟର କଥା ପୂଜା କରାଯାଉଛି, ବନ୍ଦନା ବୋଲାଯାଉଛି, ପୁସ୍ତକ ବିକ୍ରି ହେଉଛି, ମନ୍ଦିର ଗୁଡ଼ିକୁ ଅଧିକ ସୁନ୍ଦର କରାଯାଉଛି, ଘରେ ଘରେ ଉପସନାସ୍ଥଳୀରେ ସାଜସଜ୍ଜା ମଧ୍ୟରେ ପୂଜା ଆରାଧନା କରାଯାଉଛି। ଏହାର କାରଣ ପରିଷ୍କାର। ମଣିଷର ସାମାଜିକ ଚଳଣୀ, ପାରିବାରିକ ଚଳଣୀ ଯେତେ ବଦଳିଗଲେ ସୁଦ୍ଧା ବ୍ୟକ୍ତିଗତ ହୃଦୟର କାହିଁ କେଉଁ ନିଭୃତ କୋଣରେ ଦିବ୍ୟସତ୍ତା ତା'ର ପ୍ରେମ ଭାବ ବିସ୍ତାର କରି ସ୍ୱାର୍ଥଜଡ଼ିତ ମାନବ ଜାତିକୁ ପୁନଃ ସଂସ୍କାରିତ କରିବାରେ ସଫଳ ହୋଇଚାଲିଛି। ଏହି ପ୍ରେମଭାବ ହିଁ ଭଗବାନ ଓ ମଣିଷ ମଧ୍ୟରେ ଭାବସୂତ୍ର। ମଣିଷ ମଣିଷ ମଧ୍ୟରେ ଯୋଗସୂତ୍ର ଓ ବ୍ୟକ୍ତି ହୃଦୟରେ ଉଙ୍କି ମାରୁଥିବା ଭକ୍ତି, ସ୍ନେହ, ଶ୍ରଦ୍ଧା। ଉପହାର ନାମରେ ପୁଣି କିଛି ତ୍ୟାଗର ପୁନଃ ପ୍ରଚଳନ। ବିଶେଷକରି ଭାରତରେ ସେ ପ୍ରାଚୀନ ମୂଲ୍ୟବୋଧ ଓ ଆଦର୍ଶ ପୁନର୍ବାର ପ୍ରତିଷ୍ଠିତ ହୋଇଯାଏ କାରଣ ସେହି ଏକ ଭଗବାନ ଭିନ୍ନ ଭିନ୍ନ ନାମ ରୂପ ଧରି, ସମୟର ବିଭିନ୍ନ ପର୍ଯ୍ୟାୟରେ, ବିଭିନ୍ନ ରାଜ୍ୟରେ ମାନବ ଶରୀର ଧରି ଜନ୍ମଗ୍ରହଣ କରି ବିଭିନ୍ନ ଭାଷା ମାଧ୍ୟମରେ ସେହି ପ୍ରାଚୀନକୁ ନବୀନ ରୂପ ଦେଇ ପୁନଃ ପ୍ରଚାର କରନ୍ତି ଓ ତାହାର ଅଲୌକିକ ଶକ୍ତିର ନିଦର୍ଶନ ଜନସମାଜକୁ ଦେଖାଇ ଦେଇଥାଆନ୍ତି। ତେଣୁ ଏଠାରେ ମୂଲ୍ୟବୋଧର ଗ୍ଳାନି ଅସମ୍ଭବ। କେତେବେଳେ କେଉଁ ଅବସରରେ ତାହାର ଆଭାସ ଦେଖାଦେଲେ ମଧ୍ୟ ପରବର୍ତ୍ତୀ ସମୟରେ ଗ୍ଳାନୀ ଅପସରିଯାଏ। ଦିବ୍ୟ ସତ୍ତାର ହସ୍ତକ୍ଷେପ ବଳରେ। ସେହି ସତ୍ତା ଦୁର୍ଗା, ଶିବ, ବିଷ୍ଣୁ, ଗଣେଶ, ସୂର୍ଯ୍ୟ, ଲକ୍ଷ୍ମୀ, ରାମ, କୃଷ୍ଣ ପ୍ରଭୃତି ବିଭିନ୍ନ ନାମ ଧରି ମାନବ ହୃଦୟରେ ଆସନ ଜମାଇ ବସିଯାଆନ୍ତି। ସେଥିପାଇଁ ଭଗବାନଙ୍କୁ କେନ୍ଦ୍ର କରି ପୂଜା ପାର୍ବଣ ନିଷ୍ପ୍ରଭ ନ ହୋଇ ଅଧିକ ଉତ୍ସାହ ଉଦ୍ଦୀପନା ସହ ସମାଜକୁ ଧାର୍ମିକ ଦିଗରେ ଚଲାଇ ନେଉଛି। ଅଧୋଗତିରୁ ବଞ୍ଚାଇ ଦେଉଛି।

ଯାତ୍ରାର ଚାକଚକ୍ୟ ଦେଖି ଶିଶୁ ଅଧିକରୁ ଅଧିକ ଚଞ୍ଚଳ ହୋଇଯାଏ। ଏପରିକି ବାପା ଓ ମାଆଙ୍କ ତତ୍ତ୍ୱାବଧାନରେ ନରହି ନିଜେ ସବୁକିଛି ଅନୁଭବ କରିବାରେ ଲାଗିପଡ଼େ। ଦୈବାତ୍ ଅସୁବିଧା ସୃଷ୍ଟି ହୋଇଯାଏ, ଭୟାତୁର ହୋଇ ଶିଶୁ ତା ଅଭିଭାବକ / ପିତାମାତାଙ୍କୁ ଖୋଜିବସେ। ତତ୍‌କ୍ଷଣାତ୍ ନପାଇ ହତାଶ, ନିରାଶ ହୋଇପଡ଼େ। ବର୍ତ୍ତମାନ ଆଉଥରେ ତାଙ୍କ ତତ୍ତ୍ୱାବଧାନର ଅଧୀନ ହେବା ବରଂ ଶ୍ରେୟସ୍କର ବୋଲି ତା'ର ମନେହୁଏ। ଏହି ସମୟରେ ଖୋଜିବା ଦ୍ୱାରା ହେଉ, ଡାକବାଜି ଯନ୍ତ୍ରର ସାହାଯ୍ୟ ନେଇ ହେଉ ବା କୌଣସି ସ୍ୱେଚ୍ଛାସେବକଙ୍କ ସାହାଯ୍ୟ ଫଳରେ ହେଉ ଶିଶୁକୁ ନିରାପଦ ସ୍ଥାନ ପିତାମାତା ମିଳିଯାଏ। ଏହା ବୟସ୍କମାନଙ୍କ କ୍ଷେତ୍ରରେ ମଧ୍ୟ ଘଟିଥାଏ। ବୟସ୍କମାନଙ୍କ ମନର ଅବସ୍ଥା ନେଇ ତାଙ୍କୁ ଦିବ୍ୟ ପିତାମାତାଙ୍କ ତତ୍ତ୍ୱାବଧାନ ପ୍ରାପ୍ତ ହୋଇଥାଏ। ସେ ଶିବ, ବିଷ୍ଣୁ ବା ଦେବୀ ହୋଇପାରନ୍ତି। ଜୀବନର କେଉଁ ନା କେଉଁ ମୋଡରେ ଭଗବାନ ଆମକୁ କୋଳକୁ ନେଇ ଅଭୟ ପ୍ରଦାନ କରନ୍ତି ନାହିଁ କେବଳ, ମଣିଷ ତାଙ୍କୁ ଅନୁସରଣ କରିବା ଦେଖିଲେ ସେ ତାକୁ ତାହାର ପ୍ରକୃତ ପରିଚୟ ପ୍ରଦାନରେ ଲାଗିପଡ଼ନ୍ତି।

ଭଗବାନଙ୍କ ଚମତ୍କାରୀତା ଧିରେ ଧିରେ ମଣିଷ ମନକୁ କରିଦିଏ ଏକ ବିମୁଗ୍ଧ କ୍ରୀତଦାସ। ତାଙ୍କ ଚମତ୍କାରୀ ଲୀଳା ମଧ୍ୟରେ ଏକ କ୍ଷୁଦ୍ର ଭୂମିକା ଖୋଜେ ମନ, ସେଥିପାଇଁ ଯାହା କରିବା ଉଚିତ ତାହା ସମ୍ପାଦନା କରିବାରେ କୁଣ୍ଠାକୁ ଦୂରେଇ ଦେଇ ମଣିଷ ତା'ର କର୍ମଦକ୍ଷତାର ପରିସର ଭୁଲି ଆଗକୁ ଆଗକୁ ମାଡ଼ି ଚାଲେ ଭେଟିବାକୁ ତା'ର ଇପ୍‌ସିତ ପ୍ରେମିକକୁ। ଏହାହିଁ ପ୍ରକୃତ ଯାତ୍ରା। ବାହ୍ୟ ପ୍ରଦର୍ଶନୀ ତାକୁ ଅଧୋଗତି ପ୍ରଦାନ କରୁଛି ବୋଲି ତା'ର ହୃଦୟଙ୍ଗମ ହୁଏ। ଏହାଫଳରେ ସବୁକିଛି ଆନ୍ତରିକ ହୋଇଯାଏ ଯାହାକୁ ଅପେକ୍ଷା କରିଥାନ୍ତି ଭଗବାନ। ଅନ୍ତରଟା ତ ତାଙ୍କ ସାମ୍ରାଜ୍ୟ। ସେ ସେଠାରେ ଅଧିଷ୍ଠିତ ହେବାକୁ ସଦା ତତ୍ପର ଥାନ୍ତା। ସେ ଅଧିଷ୍ଠିତ ହୋଇଗଲେ ସେଠାରୁ ସଇତାନ ତତ୍‌କ୍ଷଣାତ୍ ଅଦୃଶ୍ୟ ହୋଇଯାଏ, ଠିକ୍ ସୂର୍ଯ୍ୟୋଦୟରେ ଅନ୍ଧକାର ଅଦୃଶ୍ୟ ହେଲାପରି। ଏହା ହିଁ ପ୍ରକୃତ ପର୍ବ ପାଳନ। ଦୁର୍ଗାଙ୍କ ଦୁର୍ଗତି ନାଶ କରନ୍ତି। ଦୁର୍ଗତି ଆସିଥାଏ ଦୁର୍ମତିରୁ। ତେଣୁ ମତି ବା ମନର ସଂସ୍କାର ଅତୀବ ପ୍ରୟୋଜନ। ମନର ସଂଚାଳକ ବୁଦ୍ଧି, ଇନ୍ଦ୍ରିୟ ନୁହନ୍ତି। ବୁଦ୍ଧିର ସଂଚାଳକ ଆତ୍ମା। ତାହା ପରମାତ୍ମାଙ୍କ ଅଂଶବିଶେଷ। ଯାହାଠାରେ ପରମାତ୍ମା (ଯେଉଁ ନାମ ରୂପ ସହିତ ହୁଅନ୍ତୁ ନା କାହିଁକି) ଅଧିଷ୍ଠିତ, ସେଠାରେ ସମସ୍ତ ପ୍ରକାର ସଂସ୍କାର ସୁଲଭ ହୋଇଯାଏ ଏବଂ ଏଭଳି ବ୍ୟକ୍ତିମାନେ ବାସ କରୁଥିବା ସମାଜ ସଂସ୍କୃତି ସମ୍ପନ୍ନ ସମାଜ ବୋଲି ପରିଚିତ ହୁଏ। ଦୁର୍ଗାଙ୍କ ଠାରେ ସମସ୍ତ ଦେବଦେବୀ ଅବସ୍ଥାନ କରିଥାନ୍ତି, କାରଣ ସମସ୍ତ ଦେବଦେବୀଙ୍କ ଶକ୍ତିର ସମ୍ମିଳିତ ଶକ୍ତି ହେଉଛନ୍ତି ଦୁର୍ଗା ଶକ୍ତି। ଦୁର୍ଗା ପୂଜା କରିବା ଅନ୍ତରାଳରେ ସକଳ ପ୍ରକାର ଦେବଦେବୀଙ୍କର ଉପାସନା ହୋଇଥାଏ। ଅବ୍ୟର୍ଥ ଦୁର୍ଗା ସ୍ତୁତିରେ ଦେବୀଙ୍କୁ ଦୁର୍ଗତି ନାଶିନୀ, ଦୁର୍ଗାର୍ତ୍ତି ନାଶିନୀ, ଦୁର୍ଗାପଦ୍ ନିବାରିଣୀ, ଦୁର୍ଗତୋଦ୍ଧାରିଣୀ, ଦୁର୍ଗମାସୁରସଂହନ୍ତ୍ରୀ, ଦୁର୍ଗମ ଜ୍ଞାନ ସଂସ୍ଥାନା ଓ ଦୁର୍ଗାମାତ୍ମ ସ୍ୱରୂପିଣୀ ପ୍ରଭୃତି ନାମରେ ସ୍ତୁତି କରାଯାଇଛି। ସ୍ତୁତିର ନାମକରଣ ଅନୁସାରେ ଏହା ପ୍ରକୃତରେ ଅବ୍ୟର୍ଥ। ଏହି ସ୍ତୁତି କେବେହେଲେ ବ୍ୟର୍ଥ ଯାଏନାହିଁ। ଭାରତର ଆର୍ଯ୍ୟ ଋଷିମାନଙ୍କର ଏହି ସାଧନା ପ୍ରସୂତ କୃତି ପାଇଁ ଯୁଗ ଯୁଗ ଧରି ଆମ୍ଭେମାନେ ଉପକୃତ ହୋଇ ଆସୁଅଛେ। ସେଥିପାଇଁ ଋଷିଋଣ ସୁଝିବା ପାଇଁ ଆମ୍ଭେମାନେ ଋଷିମାନଙ୍କ ପ୍ରତି କୃତଜ୍ଞ ହୋଇ ରହିବା ଦରକାର। ଏହାର ଫଳଶ୍ରୁତିରେ କୁହାଯାଇଛି, ''ଶତ୍ରୁଦ୍ୱାରା ପୀଡ଼ିତ ହୋଇଥିଲେ, ଦୁର୍ଭେଦ୍ୟ ବନ୍ଧନରେ ଥିଲେ, ରାଜଦଣ୍ଡରେ ଦଣ୍ଡିତ ହୋଇଥିଲେ, ହିଂସ୍ରଜନ୍ତୁ ଆକ୍ରମଣ ଭୟ ଥିଲେ ତଥା ବଡ଼ ବଡ଼ ବିପତ୍ତି ପଡ଼ିଥିଲେ ବା ପଡ଼ିବାର ଭୟ ଥିଲେ ଏହି ସ୍ତୁତିକୁ ଜପ କଲେ ସମସ୍ତ ବିପଦରୁ ମୁକ୍ତି ମିଳେ ବୋଲି ଦେବୀ ନିଜେ କହିଛନ୍ତି।'' ଅନ୍ୟ ପର୍ବମାନଙ୍କ ଭଳି ଦୁର୍ଗାପୂଜା ଅବସରରେ ମାନବ ସମାଜକୁ ଏକ ମହାନ୍ ଶିକ୍ଷା ମିଳିଥାଏ। ତାହା ହେଉଛି 'ଦୁଷ୍ଟଶକ୍ତି ଯେତେ ବଳଶାଳୀ ହୋଇଥାଉ ପଛେ ଦିବ୍ୟ ଶକ୍ତି ପାଖରେ ତାକୁ ଦିନେ ନା ଦିନେ ମଥାନତ କରିବାକୁ ପଡ଼ିଥାଏ।' ଏହି ଉତ୍ସବ ପାଳନ ଅବସରରେ ଆମ୍ଭେମାନେ ସେହି ଦିବ୍ୟଶକ୍ତିକୁ ଆବହନ କରିବା, ସେ ଆମ ଭିତରେ ବିଦ୍ୟମାନ ଥାଇ ଆମ ଭିତରେ ଥିବା ଦୁଷ୍ଟଶକ୍ତିଗୁଡ଼ିକୁ ନିଶେଷ କରିଦିଅନ୍ତୁ।

**ଇଂ. ସଚ୍ଚିଦାନନ୍ଦ ନନ୍ଦ, ଅଲିଶା ବଜାର, କଟକ, ଦୂରଭାଷ : ୯୪୩୭୫୧୧୨୩୦**

# ଦୀକ୍ଷା ସମ୍ମାନ ସମାରୋହ-୨୦୧୯



ଭୁବନେଶ୍ୱର : ଉପନ୍ୟାସଭିତିକ ପତ୍ରିକା 'ଦୀକ୍ଷା' ପକ୍ଷରୁ 'ଦୀକ୍ଷା' ସମ୍ମାନ ସମାରୋହ ଗତ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ଦୀକ୍ଷା'ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ କରିବା ସହିତ ପରିବେଶ ସୁରକ୍ଷା ଦିଗରେ ଅଙ୍ଗୀକାରବଦ୍ଧ ଏକ ପୋର୍ଟାଲ 'ଗ୍ରୀନଗ୍ଲୋବ'ର ଉଦ୍‌ଘାଟନ କରିଥିଲେ। 'ଦୀକ୍ଷା'ର ସମ୍ପାଦିକ ଡକ୍ଟର ସୁନୀତି ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଶିକ୍ଷବିତ୍ ଡଃ ନାରାୟଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ 'ଉପନ୍ୟାସର ସ୍ୱର ଓ ସ୍ୱରୂପ' ଉପରେ ବକ୍ତବ୍ୟ ରଖିଥିଲେ। ରାଜ୍ୟପାଳ ତାଙ୍କ ଅଭିଭାଷଣରେ ଓଡ଼ିଶାରେ ଭାଷା, ସାହିତ୍ୟ ଓ ସଂସ୍କୃତିର ଉଚ୍ଚ ପ୍ରଶଂସା କରିଥିଲେ। ସେ କହିଲେ, ଓଡ଼ିଶାର ରାଜ୍ୟଗାନ 'ବନ୍ଦେ ଉତ୍କଳ ଜନନୀ'ରେ 'ବନ୍ଦେ ମାତରଂ' ଭଳି ଉତ୍କର୍ଷତା ରହିଛି। ତେଣୁ ଏହାକୁ ଅନ୍ୟାନ୍ୟ ଭାଷାରେ ରୂପା'ର କରିବାର ସମୟ ଆସିଛି। ଓଡ଼ିଆରେ ରଚିତ ଉପନ୍ୟାସ, ନାଟକ, ଆଦିବାସୀ କଥାକୁ ରାଜ୍ୟ ତଥା ଦେଶର ସୀମା ବାହାରକୁ ନେଇ ସାରା ବିଶ୍ୱରେ ଉପସ୍ଥାପନ କରିବାକୁ ହେବ। ଓଡ଼ିଆ ହେଉଛି ଷଷ୍ଠ ଶାସ୍ତ୍ରୀୟ ଭାଷା, ଯାହା ସାରା ବିଶ୍ୱରେ ପରିଚିତି ଲାଭ କରିପାରିଛି। ଓଡ଼ିଆ ଭାଷାର ମାଧୁର୍ଯ୍ୟର ତୁଳନା ନାହିଁ ଯାହାର ପ୍ରଚାର ପ୍ରସାରର ଦାୟିତ୍ୱ ତୁଲାଉଛି 'ଦୀକ୍ଷା' ପତ୍ରିକା ଯେଉଁ ଭାବନା ଏବଂ ଶବ୍ଦର ଆରମ୍ଭ ହୋଇଥିଲା ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ ଠାରୁ ବୋଲି ପ୍ରଫେସର ଗଣେଶୀ ଲାଲ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଓଡ଼ିଶାର ବିଶିଷ୍ଟ ଶିଳ୍ପପତି ତଥା 'ରୁଚି'ର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ଡଃ ଶରତକୁମାର ସାହୁଙ୍କୁ 'ଦୀକ୍ଷା ରତ୍ନ', ଓଡ଼ିଶାର ବିଶିଷ୍ଟ ଉଦ୍ୟୋଗୀ ଅଶୋକ ସାହୁ, ବିଶିଷ୍ଟ ସମାଜସେବୀ ଡଃ ବିପିନ ବିହାରୀ ମିଶ୍ର, କର୍ପୋରେଟ ଆଫେୟାର୍ସ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ସୁଧିରଂଜନ ମିଶ୍ର, ବିଶିଷ୍ଟ ବ୍ୟବସାୟୀ ପପୁ ହଂସଙ୍କୁ 'ଦୀକ୍ଷା ଗୌରବ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେମାନଙ୍କ ସହିତ ରାଜ୍ୟର ବଛାବଛା ସାହିତ୍ୟିକ ଓ ଔପନ୍ୟାସିକ ରମେଶ ପାଣିଗ୍ରାହୀ, ପଂଚାନନ କାନୁନ୍‌ଗୋ, ନିତ୍ୟାନନ୍ଦ ପଣ୍ଡା, ରଶ୍ମୀ ରାଉଳ, କମଳା ଶତପଥି, ନିବାରଣ ଜେନାଙ୍କୁ 'ଦୀକ୍ଷା ପ୍ରଜ୍ଞା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିଭଳି 'ଦୀକ୍ଷା ପ୍ରତିଭା' ସମ୍ମାନ କୃପାସାଗର ସାହୁ, ଶ୍ରୀଯୁକ୍ତ ସତ୍ୟାନାଶ, ଭାସ୍କର ଜେନା, ସଂ୍ତୋଷ ସାହୁ, ଶରତ ସାହୁ, ଭାଗୀରଣୀ ବେହେରା, ସୁପ୍ରିୟା ପାଲ୍, ଦ୍ୱିତୀଚନ୍ଦ୍ର ସାହୁ, ଆଲୋକ ବାରିକ୍‌ଙ୍କୁ ପ୍ରଦାନ କରାଯିବା ସହିତ 'ଦୀକ୍ଷା' ସହିତ ସବୁସମୟରେ ରହିଥିବା ଜୀମୂତ ମଙ୍ଗରାଜ, କିଶୋର କର, ରାମପ୍ରସାଦ ପାତ୍ର, ସୁପ୍ରିୟା ଦାଶଙ୍କୁ 'ଦୀକ୍ଷା ସହଯୋଗୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦକ୍ଷ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ଦୁର୍ବଳ ବର୍ଗର ଦଶଜଣ ବ୍ୟକ୍ତିଙ୍କ ଚକ୍ଷୁ ଚିକିତ୍ସା ନିମନ୍ତେ ଶ୍ରୀ ଶ୍ରୀ ବଡଦା' ହସପିଟାଲ ଓ ମାନସିକ ଅନଗ୍ରସର ଏବଂ ଅନାଥ ମହିଳାଙ୍କୁ ସହାୟତା କରିବା ନିମନ୍ତେ ପିପୁଲସ ଫୋରମ୍‌ର ମିଶନ ଆଶ୍ରାକୁ ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ସ୍ଥଳରେ ବ୍ଲୁ ହ୍ୱିଲ୍ ହସପିଟାଲ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ପରେ ବିପ୍ଳବ ଶତପଥୀଙ୍କ ନିର୍ଦ୍ଦେଶନାରେ 'ପ୍ରକୃତି ସୁରକ୍ଷା' ଶୀର୍ଷକ ଏକ ନାଟକ ଅଭିନିତ ହୋଇଥିଲା। ଶେଷରେ ପ୍ରିୟ ରଂଜନ ମହାନ୍ତିଙ୍କ ପରିଚାଳନାରେ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରିବେଶର ସୁରକ୍ଷା ନିମନ୍ତେ ସମସ୍ତ ଦର୍ଶକ ଓ ଅତିଥିଙ୍କୁ ଅନୁଷ୍ଠାନ ପକ୍ଷରୁ ବୃକ୍ଷଚାରା ପ୍ରଦାନ କରାଯିବା ସହିତ ତାହା ରୋପଣ କରି ଉପଯୁକ୍ତ ଯତ୍ନ ନେବାକୁ ଅନୁଷ୍ଠାନର ଚେୟାରମ୍ୟାନ ଏବଂ ସଂପାଦକ ଡକ୍ଟର ସୁନୀତି ମୁଣ୍ଡ୍ ନିବେଦନ କରିବା ସହିତ ଅଧିକରୁ ଅଧିକ ଓଡିଆ ଉପନ୍ୟାସ ଲେଖାହେବାକୁ ଆହ୍ୱାନ କରିଥିଲେ। 'ଦୀକ୍ଷା' ପାଇଁ ଉପନ୍ୟାସ ଲେଖୁଥିବା ଔପନ୍ୟାସିକଙ୍କୁ ଆଗାମୀ ଦିନରେ ଦୀକ୍ଷା ପ୍ରଜ୍ଞା ସମ୍ମାନ ଏବଂ ଦୀକ୍ଷା ପ୍ରତିଭା ସମ୍ମାନରେ ସମ୍ମାନୀତ କରାଯିବାର ଘୋଷଣା କରିଥିଲେ।




# ଆମେ ଓ ଆମ ପରିବେଶର ପଶୁପକ୍ଷୀ



ବିଶ୍ୱର ଜନସଂଖ୍ୟା ବୃଦ୍ଧି ସନ୍ତୁଳିତ ପୃଥିବୀକୁ ଅସନ୍ତୁଳିତ କରିବା ଓ ବିଶ୍ୱ ପ୍ରଦୂଷଣ ବଢ଼ାଇବାର ମୁଖ୍ୟ କାରଣ । ଜନସଂଖ୍ୟା ଚାପ କାରଣରୁ ବିଶ୍ୱର ଖାଦ୍ୟ, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ସଂସ୍ଥାନ, ପରିବହନ, ଯୋଗାଯୋଗ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ସୃଷ୍ଟି ହେବା ସହିତ ବିଭିନ୍ନ ପ୍ରତିଯୋଗୀତାମୂଳକ କାରଣରୁ ସନ୍ଦେହ ଓ ଅହଂକାର ହେତୁ ବିଶ୍ୱ ଏବେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଆଗେଇ ଚାଲିଛି । ଏହି ପରିପ୍ରେକ୍ଷୀରେ ମଣିଷ ଯେ ଖାଲି ଏକା ଶିକାର ହେଉଛି ବା ହେବ, ତାହା ନୁହେଁ ଏ ପ୍ରକୃତି ବା ପରିବେଶ ମଧ୍ୟରେ ବସବାସ କରୁଥିବା ସମସ୍ତ ଜୀବକୁଳ ଯଥା ଉଭିଦ ଓ ପଶୁପକ୍ଷୀ ତାର ଶୀକାର ହେଉଛନ୍ତି ଏବଂ ହେବେ । କହିବା ବାହୁଲ୍ୟ ଯେ ସୃଷ୍ଟିର ଆରମ୍ଭରୁ ଏ ଧରିତ୍ରୀରେ କେବଳ ମଣିଷର ସଂଖ୍ୟା ସବୁଠୁ କମ୍ ଥିଲା । ଏ ପରିବେଶ ଉଭିଦ ଓ ପଶୁପକ୍ଷୀ ଦ୍ୱାରା ଭରପୁର ଥିଲା । ଏହିପରି ପରିବେଶ ମଧ୍ୟରେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ଥିଲା ଗୋଟିଏ ପଶୁ । ସମୟକ୍ରମେ ଭୌଗୋଳିକ ବା ଜଳବାୟୁ ପରିବର୍ତନ କାରଣରୁ ଅନେକ ଜୀବ ଏ ପୃଥିବୀରୁ ନିଶ୍ଚିହ୍ନ ହୋଇଗଲେଣି । ଜନସଂଖ୍ୟାର ଆବଶ୍ୟକତାକୁ ମେଂଟାଇବାକୁ ଯାଇ ପରିବେଶର ଅନେକ ଜଙ୍ଗଲ ଧ୍ୱଂସ ହୋଇଗଲାଣି, ପଶୁପକ୍ଷୀମାନେ ବାସସ୍ଥାନ ଅଭାବରୁ ଏବଂ ମଣିଷର ଶୀକାର ହେତୁ ଲୋପ ହୋଇଗଲେଣି ଏବଂ ଅନେକ କିଛି ବିଲୁପ୍ତ ପ୍ରାୟ । ଏ ସବୁଥି ପାଇଁ ମଣିଷ ଦାୟୀ । ତାର କିରିତ କର୍ମ ପାଇଁ ଏ ପୃଥିବୀ ଓ ତା'ର ଅନ୍ତେଃବାସୀ ଏବେ ଧ୍ୱଂସ ବା ବିଲୁପ୍ତ ମୁଖୀ । ପ୍ରତିଟି ସଜୀବ ଓ ନିର୍ଜୀବ ବିଶେଷ ଏ ପ୍ରକୃତି ଓ ପରିବେଶରେ ଗୋଟିଏ ଗୋଟିଏ ଅମୂଲ୍ୟ ଅଂଶ । ନିର୍ଜୀବଟିର ଯେମିତି ତିଷ୍ଠିବାର ଅଧିକାର ଅଛି ସେମିତି ପ୍ରତିଟି ଜୀବବିଶେଷଙ୍କର ବଂଚିବାର ଅଧିକାର ଅଛି । ଏ ସୁନ୍ଦର ବିଶ୍ୱର ପ୍ରତ୍ୟେକ ଗୋଟିଏ ଗୋଟିଏ ବିଚିତ୍ର ଏବଂ ସୌନ୍ଦର୍ଯ୍ୟ ସୃଷ୍ଟି । ପୃଥିବୀ ତା'ର ପ୍ରାକୃତିକ ନିୟମଚୟରେ ଏସବୁର ସନ୍ତୁଳନ ରଖିଥିଲା ଅଥଚ ଆମେ କରୁଛୁ କ'ଣ? ମଣିଷ ସ୍ୱାର୍ଥ ପାଇଁ କରୁଛି କ'ଣ? ସ୍ୱାର୍ଥ ହିଁ ସବୁ ଅନର୍ଥର କାରଣ । ଏକଥା ସେ ବୁଝିବା ଉଚିତ୍ । ବିବେକ ଲଗାଇ ବିଚାର କରିବା ଉଚିତ୍ ଯେ ତା ପାଇଁ କ'ଣ କରଣୀୟ ବା କଣ ବର୍ଜନୀୟ । ସଂକ୍ଷେପରେ ଏନେଇ ଏତିକି କୁହାଯାଇପାରେ ଯେ ମଣିଷ ନିଜକୁ ବଂଚାଇଲା ପରି ସେ ତା' ପରିବେଶରେ ଥିବା ସମସ୍ତ ଜୀବ, ବିଶେଷ କରି ଜଙ୍ଗଲ ଓ ପଶୁପକ୍ଷୀଙ୍କ ପ୍ରତି ଧ୍ୟାନ ଦେବା ଉଚିତ୍ । ଧାର୍ମିକ ମତରେ ବୃକ୍ଷଛେଦନ ଓ ଜୀବହତ୍ୟା ମହାପାପ । ସେମିତି ବୃକ୍ଷରୋପଣ ଓ ପଶୁପକ୍ଷୀଙ୍କୁ ଆଶ୍ରୟ ପ୍ରଦାନ ମହାପୁଣ୍ୟ । ବୈଜ୍ଞାନିକ ମତରେ ପରିବେଶ ସନ୍ତୁଳନ ଓ ଜୀବର ସୁରକ୍ଷା ନିମନ୍ତେ ଏସବୁର ସଂରକ୍ଷଣର ଆବଶ୍ୟକତା ଅଛି । ପୃଥିବୀର ଏମିତି ସୃଷ୍ଟି ନାହିଁ ଯାହାର ମଣିଷ ବା ଆଉ କାହା ପ୍ରତି ଆବଶ୍ୟକତା ନାହିଁ । ଏଠି ବିଷଧର ସାପ ବା ମଶାଟିର ବି ଗୁରୁତ୍ୱ ଅଛି । କୌଣସି ସୃଷ୍ଟି ଅପକାର ବା ଉପକାର ରହିତ ନୁହଁନ୍ତି । ସମସ୍ତେ ବ୍ୟବହାରକୁ ନେଇ ଫଳାଫଳ ଦିଅନ୍ତି । ଜୀବେ ଦୟା ଧର୍ମ । ପ୍ରତ୍ୟେକ ଧର୍ମଶାସ୍ତ୍ର ଏହା କୁହେ । ସେମାନଙ୍କ ପ୍ରତି କରୁଣା ଓ ସହାନୁଭୂତି ପ୍ରଦର୍ଶନ ଆମର କର୍ତବ୍ୟ । ଆମଠୁ ସେମାନେ ବଂଚିବାର ଅଧିକାର ଦାବି କରନ୍ତି । ଖାଦ୍ୟ ଶୃଙ୍ଖଳରେ କିଏ କାହାର ଖାଦ୍ୟ ହେଲେ ହେଁ, ସମସ୍ତେ ଆମ ଦ୍ୱାରା ଲାଳିତ ଓ ପାଳିତ ହେବାର ଅଛି; ତାଙ୍କ ବଂଶ ବଢ଼ାଇବାର ସହଯୋଗ କରିବାର ଅଛି । ଆମ ପରି ଏ ପରିବେଶରେ ପଶୁପକ୍ଷୀମାନେ ବଂଚନ୍ତୁ । ଏହି କଥା ସୂଚାଇ ଦେବା ଏବଂ ଏହାର ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୪ ଅକ୍ଟୋବରକୁ ବିଶ୍ୱ ପଶୁପକ୍ଷୀ ଦିବସ ରୂପେ ପାଳନ କରାଯାଏ । ଏହି ଦିବସଟି ପ୍ରଥମେ ୧୯୩୧ ମସିହାରେ ପରିବେଶ ବିଜ୍ଞାନୀମାନେ ଏକ ବୈଠକରେ ଆରମ୍ଭ କରିଥିଲେ । ଏହି ଦିବସରେ ବିଶ୍ୱବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆରମ୍ଭ କରାଯାଏ । ଆର୍ଜେଂଟିନାରେ ଏହି ଦିବସଟି ଏପ୍ରିଲ ମାସ ୨୯ ତାରିଖରେ ପାଳିତ ହୁଏ । ପ୍ରକୃତି, ପରିବେଶ ତଥା ଏଥିରେ ବସବାସ କରୁଥିବା ଜୀବଜନ୍ତୁଙ୍କ ଜଣେ ଅନନ୍ୟ ପୂଜାରୀ ଫ୍ରାନ୍‌ସିସ୍ ଅଫ୍ ଆସିସିଙ୍କ ସ୍ମୃତି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ବିଶ୍ୱ ପଶୁଦିବସ ରୂପେ ପାଳନ କରାଯାଉଅଛି । ଏହିଦିନର ନିକଟତମ ରବିବାରରେ ବିଶ୍ୱରେ ଥିବା ସମସ୍ତ ଗୀର୍ଜାରେ ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ସମୂହ ପ୍ରାର୍ଥନା ସଭା ଆୟୋଜିତ ହୋଇଥାଏ । ଫ୍ରାନ୍‌ସିସ୍ ଖ୍ରୀଷ୍ଟିଆନ୍ ଥିବାରୁ ଏହା ଚାଲିଥିଲା । ଏବେ ଏହା ଆଉ ଖ୍ରୀଷ୍ଟିଆନ୍ ଉତ୍ସବ ନହୋଇ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହାକୁ ପାଳନ କରନ୍ତି । ଏଥିପାଇଁ ୱାଇଲ୍‌ଡ ଲାଇଫ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ତରଫରୁ ବିଭିନ୍ନ ସ୍କୁଲ କଲେଜ ଓ ଅନ୍ୟାନ୍ୟ ସ୍ଥାନରେ ସଚେତନଧର୍ମୀ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥାଏ । ଏତଦ୍‌ବ୍ୟତୀତ ବିଭିନ୍ନ ବଦାନ୍ୟ ବ୍ୟକ୍ତିବିଶେଷ କିମ୍ବା କର୍ମୀମାନେ ଆନିମଲ ଚାରିଟି ବା ବଦାନ୍ୟ ପଶୁ ଅନୁଷ୍ଠାନ ଯେମିତି ଗୋଶାଳା ଇତ୍ୟାଦିଙ୍କୁ ସ୍ୱଇଚ୍ଛାରେ ଅର୍ଥ ଦାନ କରିଥାନ୍ତି । ଅନେକ କୌଣସି ଏକ ଗୃହପାଳିତ ପଶୁର ପୃଷ୍ଟପୋଷକତା ପାଇଁ ଶପଥ ନେଇଥାନ୍ତି ଓ କାର୍ଯ୍ୟରେ ପରିଣତ କରିଥାନ୍ତି । ଅନ୍ୟ କେହି ଆମିଷ ଭୋଜନ ପରିତ୍ୟାଗ କରିଥାନ୍ତି । ଆସନ୍ତୁ ବିଶ୍ୱ ପଶୁପକ୍ଷୀଙ୍କ ମଙ୍ଗଳାର୍ଥେ ଆମେ ବି କିଛି କରିବା ।

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ**

# ନବରାତ୍ରିର ନବଦୁର୍ଗା



'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା, ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ।' ଯେଉଁ ଦେବୀ ସବୁ ଘଟରେ ଶକ୍ତି ଓ ସାମର୍ଥ୍ୟ ଭାବରେ ବିରାଜିତ, ତାଙ୍କୁ ନମସ୍କାର, ନମସ୍କାର, ନମସ୍କାର। ଶକ୍ତି ଉପାସକଙ୍କ ଦୃଷ୍ଟିରେ ମହାଶକ୍ତି ହେଉଛନ୍ତି ପରବ୍ରହ୍ମ ପରମାତ୍ମା। ସେ ସୃଜନ କରନ୍ତି, ପାଳନ କରନ୍ତି, ସଂହାର କରନ୍ତି। ସେ ଆଦ୍ୟା ମହାଶକ୍ତି। ତାଙ୍କର ସ୍ୱରୂପ ବିବିଧ। ସେ ନବଦୁର୍ଗା, ଦଶ ମହାବିଦ୍ୟା, ଅନ୍ନପୂର୍ଣ୍ଣା, କାତ୍ୟାୟନୀ, ଲଳିତାମ୍ବା, ଗାୟତ୍ରୀ, ଭୁବନେଶ୍ୱରୀ, କାଳୀ, ତାରା, ବଗଳା। ସେ ସଂହାର ପାଇଁ ମହାକାଳୀ, ବିଦ୍ୟା ଦାନ ପାଇଁ ସରସ୍ୱତୀ, ଧନ ପାଇଁ ମହାଲକ୍ଷ୍ମୀ। ମାର୍କଣ୍ଡେୟ ପୁରାଣରେ ଭଗବତୀଙ୍କୁ ଏହି ରୂପେ ସ୍ତୁତି କରାଯାଇଛି। ଦେବୀଙ୍କ ଭେଦ ହେଉଛି ସବୁ ବିଦ୍ୟା। ସଂସାରରେ ଯେତିକି ନାରୀ ଅଛନ୍ତି ସେମାନେ ଦେବୀଙ୍କ ରୂପ। ସମସ୍ତ ସଂସାରରେ ବ୍ୟାପ୍ତ ହେଉଛି ଗୋଟିଏ ତତ୍ତ୍ୱ, ସେହି ତତ୍ତ୍ୱ ହେଉଛି ଦେବୀ ତତ୍ତ୍ୱ ବା ଶକ୍ତି ତତ୍ତ୍ୱ। ଭଗବତୀ ଏହାଠାରୁ ଅଧିକ ସ୍ତୁତି କରିବାକୁ ଭାଷା କାହିଁ? ତ୍ରିପୁରୋପନିସଦ୍‌ରେ ଉଲ୍ଲେଖ ଅଛି : ଭଗବାନ ଶକ୍ତିଯୁକ୍ତ ହୋଇ ଜଗତର ବିଧାତା, ଧର୍ତା, ହର୍ତା ଏବଂ ବିଶ୍ୱ ସ୍ୱରୂପକୁ ପ୍ରାପ୍ତ ହୁଅନ୍ତି। 'ଓଁକାର'ର ର 'ଅ'ହେଉଛି ବ୍ରହ୍ମା, 'ଉ' ହେଉଛି ବିଷ୍ଣୁ ଏବଂ 'ମ' ଶିବ, ଏହାର ଅର୍ଦ୍ଧମାତ୍ରା ଅର୍ଥାତ୍ ଚନ୍ଦ୍ରବିନ୍ଦୁ ହେଉଛନ୍ତି ମାହେଶ୍ୱରୀ। ଅତଏବ ଶକ୍ତି ବିନା କାହାରି ସ୍ଥିତି ନାହିଁ। ସେହି ମାୟା, ସେହି ଶକ୍ତି, ସେହି ପ୍ରଭାବରେ ବନ୍ଦନାର ପର୍ବ ହେଉଛି ନବରାତ୍ରି। ନବରାତ୍ରିରେ ତିଥି ଅନୁସାରେ ମା ଦୁର୍ଗାଙ୍କ ନବ ରୂପର ପୂଜା ଅର୍ଚ୍ଚନା କରାଯାଏ। ଏହି ନବ ରୂପ ହେଉଛି ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘ□ା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଓ ସିଦ୍ଧିଦାତ୍ରୀ। ଭାରତର ବିଭିନ୍ନ ପ୍ରାନ୍ତରେ ନବରାତ୍ରି ପାଳନର ବିବିଧ ପରମ୍ପରା ରହିଛି। ଶ୍ରୀ ଶ୍ରୀ ଠାକୁର କହିଛନ୍ତି – ଭଗବତୀ ପୂଜା କରିବା ଅର୍ଥ ନିଜ ମା'ଙ୍କୁ ହିଁ ଉପାସନା କରିବା। ମା' କେବଳ ପୂଜାର ବେଦୀରେ ଦଶଭୁଜା ପ୍ରତିମା ନୁହଁନ୍ତି, ଘରେ ଘରେ ଜୀବନ୍ତ ଦ୍ୱିଭୁଜା ଜନନୀ। ଘରର ମା' ଓ ଜଗତର ମା'ଙ୍କର ଏକ ରୂପ। ଦଶଭୁଜା ଅର୍ଥ ହେଉଛି ଦୁଇ ହାତରେ ମା' ଦଶହାତର କାମ କରନ୍ତି। ମା'ଙ୍କର ଦଶହାତରେ ତ୍ରିଶୂଳ, ପାଶ, ପରଶୁ ଓ ଧନୁର୍ବାଣ ଇତ୍ୟାଦି ଦଶ ପ୍ରକାର ଅସ୍ତ୍ର ରହିଛି। ତେଣୁ ମା'ହେଉଛନ୍ତି ଦଶପ୍ରହର ଧାରିଣୀ। ଶ୍ରୀ ଶ୍ରୀ ଠାକୁର କହିଲେ – ଏହି ଅସ୍ତ୍ର ହେଉଛି ମାତୃ ଐଶ୍ୱର୍ଯ୍ୟର ବିଭିନ୍ନ ଶକ୍ତି ଯାହାଦ୍ୱାରା ମା' ଅସତ୍ ବା ଅସୁରଶକ୍ତିକୁ ପରାଭୂତ ଓ ପ୍ରତିହତ କରନ୍ତି ସ୍ୱୀୟ ସନ୍ତାନକୁ ରକ୍ଷା କରିବା ପାଇଁ। ଶ୍ରୀ ଶ୍ରୀ ଠାକୁର କହିଲେ – ମା'ଦୁର୍ଗତି ନାଶିନୀ ହୋଇ ଦଶପ୍ରହରଣ ଧାରଣ କରି ସନ୍ତାନ ସଂରକ୍ଷଣରେ ନିୟୋଜିତା। ଚଣ୍ଡ, ମୁଣ୍ଡ, ଶୁମ୍ଭ, ନିଶୁମ୍ଭ ଓ ମହିଷାସୁର ପ୍ରଭୃତି ଅସୁରଦଳକୁ ଦମନ କରିଛନ୍ତି ମା'ଦୁର୍ଗା। ଶ୍ରୀ ଶ୍ରୀ ଠାକୁର ବିଜୟା ଉପଲକ୍ଷେ ପ୍ରଦତ୍ତ ବାଣୀରେ କହିଛନ୍ତି – ଏହି ମା'ମୋର ଐଶ୍ୱର୍ଯ୍ୟଶାଳିନୀ, ଦଶପ୍ରହରଣୀ ଯାହାଙ୍କ ପାଖରେ ଅଚ୍ୟୁତ ଆନତି ହିଁ ମୋର ଦୁର୍ଗ, ସେହି ଆନତି ଭିତର ଦେଇ ଯେତେବେଳେ ମା'ଙ୍କ ଚରଣରେ ମୁଁ ଆନତ ହୁଏ ସ୍ୱତଃସମ୍ବିତ ଓ ସକ୍ରିୟତାରେ ସେତେବେଳେ ମା'ମୋର ଦୁର୍ଗତିନାଶିନୀ ଦୁର୍ଗା। ମା'ସିଂହବାହିନୀ। ମହାପରାକ୍ରମୀ ପଶୁରାଜର ପୃଷ୍ଠରେ ମା'ଙ୍କର ଚରଣ ନ୍ୟସ୍ତ, ତାର ଅର୍ଥ ପଶୁଭାବର ଉପରେ ମାତୃଭାବର ପ୍ରତିଷ୍ଠା। ଦୁର୍ଗାପୂଜା ଶରତ ଋତୁରେ ପାଳିତ ହୁଏ ବୋଲି ମା'ଦୁର୍ଗାଙ୍କର ଅନ୍ୟ ଏକ ନାମ ଶାରଦା। କିନ୍ତୁ ଶ୍ରୀ ଶ୍ରୀ ଠାକୁର କହିଲେ – ଶାରଦା ବା ଶରତ ଆସିଛି ଶୃ ଧାତୁ ଠାରୁ – ଅର୍ଥ ବଧ ଓ ହିଂସା। ହିଂସାତ୍ମକ ଯାହା କିଛିକୁ ନିହତ କରି ମା'ରକ୍ଷାକୁ ସମ୍ବୃଦ୍ଧକରି ତୋଳନ୍ତି। ସେ ଅସତ୍ ନିରୋଧି ପ୍ରଚଣ୍ଡା। ମା'ଦୁର୍ଗାଙ୍କ ଧ୍ୟାନମନ୍ତ୍ରରେ ମଧ୍ୟ ଅଛି ତାଙ୍କର ଅଷ୍ଟଶକ୍ତିର କଥା – ଉଗ୍ରଚଣ୍ଡା, ପ୍ରଚଣ୍ଡା, ଚଣ୍ଡୋଗ୍ରା, ଚଣ୍ଡନାୟିକା, ଚଣ୍ଡା, ଚଣ୍ଡବତୀ, ଚଣ୍ଡରୂପା ଓ ଅତି ଚଣ୍ଡିକା। ମା'ହେଉଛନ୍ତି ଶିବଙ୍କ ଘରଣୀ – ଶିବାନୀ ଅର୍ଥାତ୍ ମଙ୍ଗଳବିଧାୟିନୀ। ମା'ସବୁ ସନ୍ତାନଙ୍କର ମଙ୍ଗଳ କାମନା କରନ୍ତି। ସମସ୍ତଙ୍କୁ କୋଳରେ ଧରନ୍ତି। ତେଣୁ ତାଙ୍କର ଅନ୍ୟ ନାମ ଜଗଦ୍ଧାତ୍ରୀ। ସେ ବିକ୍ଷୁବ୍ଧତା ଓ ବିଚ୍ଛିନ୍ନତାକୁ ସୁସଂଶ୍ଳିଷ୍ଟ କରିଉଠାନ୍ତି। ତେଣୁ ଦୁର୍ଗାପୂଜା କେବଳ ମାତ୍ର ପୁଷ୍ପବିଲ୍ୱପତ୍ରର ପୂଜା ନୁହେଁ, ଏହା ମାନବତାର ଏକ ବିରାଟ ମିଳନ ଉତ୍ସବ। ନବରାତ୍ରି ଅବସରରେ ପୂଜା ପାଉଥିବା ନଅ ଦେବୀ ନବଦୁର୍ଗା ଭାବେ ଖ୍ୟାତ। ଦେବୀ ମାହାତ୍ମ୍ୟ ଏବଂ ଦୁର୍ଗା ସପ୍ତସତୀରେ ସେମାନଙ୍କ କଥା ବର୍ଣ୍ଣିତ। ସେମାନେ ସମସ୍ତେ ଶକ୍ତିଙ୍କ ଭିନ୍ନ ଭିନ୍ନ ଅବତାର। ସେମାନେ ହେଲେ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘ□ା, କୁଷ୍ମାଣ୍ଡା, ସ୍କନ୍ଦ ମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଏବଂ ସିଦ୍ଧିଦାୟିନୀ। ନବରାତ୍ରିର ପ୍ରଥମ ଦିନରେ ପୂଜା ପାଆନ୍ତି ଶୈଳପୁତ୍ରୀ। 'ଶୈଳ' ଅର୍ଥ ପାହାଡ଼ ଏବଂ 'ପୁତ୍ରୀ' ଅର୍ଥ କନ୍ୟା। ସେ ପାର୍ବତୀ ବା ହେମବତୀ ଭାବେ ମଧ୍ୟ ପରିଚିତ। ଦକ୍ଷକନ୍ୟା ସତୀ ପ୍ରଥମେ ପୁନର୍ଜନ୍ମ ନେଇଥିଲେ ଶୈଳୀପୁତ୍ରୀ ଭାବେ। ଦ୍ୱିତୀୟ ପୁନର୍ଜନ୍ମ ନେଇଥିଲେ ହିମାଳୟପୁତ୍ରୀ ପାର୍ବତୀ ରୂପେ ଏବଂ ବିବାହ କରିଥିଲେ ମହାଦେବଙ୍କୁ। ଶୈଳପୁତ୍ରୀ ହେଉଛନ୍ତି ଶକ୍ତିଙ୍କ ପ୍ରଥମ ଅବତାର। ଦ୍ୱିତୀୟ ଦିନରେ ପୂଜା ପାଆନ୍ତି ମା' ବ୍ରହ୍ମଚାରିଣୀ। ତାଙ୍କର ଅନ୍ୟ ନାମଗୁଡ଼ିକ ହେଲା – ଉମା, ଅର୍ପର୍ଣ୍ଣା ଏବଂ ତପଶ୍ଚାରିଣୀ। ବ୍ରହ୍ମଚାରିଣୀ ଅର୍ଥ ଚରମ ସତ୍ତାର ସାନିଧ ପାଇବା ଲାଗି ଯିଏ ସଦା ତପସ୍ୟାରତ। ତୃତୀୟ ଦିବସରେ ଆରାଧନା କରାଯାଏ ମା' ଚନ୍ଦ୍ରଘ□ାଙ୍କୁ। ମଥାରେ ଅର୍ଦ୍ଧଚନ୍ଦ୍ରଙ୍କୁ ଧାରଣ କରୁଥିବା ହେତୁ ସେ ହେଲେ ଚନ୍ଦ୍ରଘ□ା। ଦୁର୍ଗାଙ୍କ ଏହି ରୂପ ଭୟ ପ୍ରଦାୟକ। ଚତୁର୍ଥ ଦିବସରେ ଆବାହନ କରାଯାଏ ମା' କୁଷ୍ମାଣ୍ଡାଙ୍କୁ। ସେ ଅଷ୍ଟଭୂଜା; ପୁଣି ସୃଷ୍ଟିକର୍ତ୍ତ୍ରୀ ସମଗ୍ର ବିଶ୍ୱ-ବ୍ରହ୍ମାଣ୍ଡର। ନିଜ ହସ ଦ୍ୱାରା ସେ ଦୂର କରିଥିଲେ ଅନ୍ତହୀନ ଅନ୍ଧକାରକୁ ଏବଂ ଯାହା ଦ୍ୱାରା ସୃଷ୍ଟି ପର୍ବ ଆରମ୍ଭ ହୋଇଥିଲା। ପଞ୍ଚମ ଦିବସରେ ପୂଜା ପାଆନ୍ତି ସ୍କନ୍ଦ ମାତା। ସେ ଦେବତାଙ୍କ ସେନାମୁଖ୍ୟ କାର୍ତ୍ତିକେୟ ବା ମୁରୁଗ ବା ସୁବ୍ରମଣ୍ୟ ବା ସ୍କନ୍ଦଙ୍କ ମାତା। ତାଙ୍କୁ ପଦ୍ମାସନା ମଧ୍ୟ କୁହାଯାଏ। ସେ ହେଉଛନ୍ତି ସକଳ ମାତୃତ୍ୱର ପରିପ୍ରକାଶ ଏବଂ ସ୍ନେହଶୀଳା – କ୍ଷମାମୟୀ। ଷଷ୍ଠ ଦିବସରେ ପୂଜା ପାଆନ୍ତି ମାତା କାତ୍ୟାୟନୀ। କାତ୍ୟମୁନିଙ୍କ କନ୍ୟା ଭାବେ ଜାତ ହୋଇଥିବାରୁ ସେ କାତ୍ୟାୟନୀ। ସେ ଦୁର୍ଗାଙ୍କ କନ୍ୟା ସ୍ୱରୂପ। ସ୍ନେହ ଶ୍ରଦ୍ଧାର ପ୍ରତୀକ ତେବେ ଧର୍ମ ତଥା ନ୍ୟାୟ ନୀତିର ପ୍ରତିଷ୍ଠା ଲାଗି ସେ ଭୟଙ୍କର ସୁଦ୍ଧା ହୋଇପାରନ୍ତି। ସପ୍ତମ ଦିନରେ ଆସନ୍ତି ମା' କାଳରାତ୍ରି। ତାଙ୍କୁ ମଧ୍ୟ କୁହାଯାଏ ଶୁଭଙ୍କରୀ। ସେ ଯାବତୀୟ ଅଜ୍ଞାନତା ଏବଂ ଅନ୍ଧକାରର ଧ୍ୱଂସକର୍ତ୍ତ୍ରୀ। ଏହି ଅବତାରରେ ସେ ରକ୍ତବୀଜ ରାକ୍ଷାସର ରକ୍ତ ଶୋଷି ତାହାକୁ ବଧ କରିଥିଲେ। ଏହା ହେଉଛି ମା' ଦୁର୍ଗାଙ୍କ ସବୁଠାରୁ ଭୟଙ୍କର ରୂପ। ଅଷ୍ଟମ ଦିବସରେ ଆରାଧନା କରାଯାଏ ମା' ମହାଗୌରୀଙ୍କୁ। ମହାଗୌରୀ ଅର୍ଥ ଯେ ବିଜୁଳି ପରି ଉଜ୍ଜ୍ୱଳ। ଶିବଙ୍କୁ ପତି ରୂପେ ପାଇବା ପାଇଁ ସେ ମହାତପରେ ବସିଥିଲେ ଯୁଗ ଯୁଗ ଧରି ଅଚଳ ଅବସ୍ଥାରେ ଏବଂ ତାଙ୍କ ଶରୀର ପୋତି ହୋଇଯାଇଥିଲା ଧୂଳି ମାଟିରେ। ଶେଷରେ ଶିବ ପ୍ରସନ୍ନ ହୋଇ ତାଙ୍କୁ ଗଙ୍ଗା ଜଳରେ ସ୍ନାନ କରାଇଥିଲେ। ନବମ ଦିବସରେ ପୂଜା ପାଆନ୍ତି ମା' ସିଦ୍ଧିଦାୟିନୀ। ସେ ଜ୍ଞାନଦାତ୍ରୀ। ବ୍ରହ୍ମଙ୍କୁ ଅନୁଭବ କରିବା ନିମନ୍ତେ ସେ ଦିବ୍ୟଜ୍ଞାନ ପ୍ରଦାନ କରିଥାନ୍ତି। ସିଦ୍ଧ, ଗନ୍ଧର୍ବ, ଯକ୍ଷ, ରାକ୍ଷସ ଏବଂ ଦେବତାଙ୍କ ଗହଣରେ ସେ ବିଜେ ହୁଅନ୍ତି।




**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ସହ-ପ୍ରତିରତ୍ନିକ, ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭**


# DISPLAY CLASSIFIED

**FOR ADVERTISEMENT CONTACT**
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

**TARIFF:** 10c.m.x4cm: Rs.8,000/-(One Month)
10c.m.x4cm: Rs. 350/- (One day)
5c.m.x4cm: Rs. 5,000/- (One Month)
5c.m.x4cm: Rs. 200/- (One day)

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

**DKB'S CONCEPTUAL CHEMISTRY**
Behind SC/ST Hostel College Campus, Bhadrak, Cell : 9337612220
*A complete Chemistry point for funding fundamentals.*
Contact for Coaching in +2 Science, CBSE, OJEE (E&M), AIPMT & AIEEE

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Mahaditya Publication

Gyandeep
THE CRECHE

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication


## ଓଡ଼ିଶା ବଡ଼ି ବିଲ୍‌ଡ଼ିଙ୍ଗ ଆସୋସିଏସନର କାର୍ଯ୍ୟକାରିଣୀ କମିଟି ବୈଠକ



ଭୁବନେଶ୍ୱର (ପିଏନ୍) : ଓଡ଼ିଶା ବଡ଼ି ବିଲ୍‌ଡ଼ିଙ୍ଗ ଆସୋସିଏସନର କାର୍ଯ୍ୟକାରିଣୀ କମିଟି ବୈଠକ ପୁରୁଣା ଭୁବନେଶ୍ୱରସ୍ଥିତ ବି.ଏମ୍.ସି. ଜିମ୍ ବଉଳଗଡ଼ି ସଭାଗୃହରେ ଓଡ଼ିଶା ବଡ଼ି ବିଲ୍‌ଡ଼ିଙ୍ଗ ଆସୋସିଏସନର କାର୍ଯ୍ୟନିର୍ବାହୀ ସଭାପତି ବାବୁଲି ଚରଣ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘ ସହ ଅନୁବନ୍ଧିତ ପ୍ରତ୍ୟକ ଜିଲ୍ଲାର କାର୍ଯ୍ୟକାରିଣୀ ସଭ୍ୟମାନେ ଉପସ୍ଥିତ ଥିଲେ। ଆସନ୍ତା ୨୦୨୦ ମସିହା ସ୍ପୋର୍ଟସ କ୍ୟାଲେଣ୍ଡର ଅନୁଯାୟୀ ଅନୁଷ୍ଠିତ ହେବାକୁ ଥିବା ସିନିୟର ଷ୍ଟେଟ ବଡ଼ି ବିଲ୍‌ଡ଼ିଙ୍ଗ ଚମ୍ପିୟନସିପ 'ମିଷ୍ଟର ଓଡ଼ିଶା-୨୦୨୦' ୧୦ମ ଇଷ୍ଟର୍ଣ୍ଣ ଇଣ୍ଡିଆ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା-୨୦୨୦, ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତଯୋଗିତା 'ଫେଡ଼େରେସନ କପ୍-୨୦୨୦ ନିମନ୍ତେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ବିଶେଷକରି ୧୦ମ ଇଷ୍ଟର୍ଣ୍ଣ ଇଣ୍ଡିଆ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା-୨୦୨୦ ଏବଂ ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା 'ଫେଡ଼େରେସନ କପ୍-୨୦୨୦' ଭୁବନେଶ୍ୱରରେ ଅନୁଷ୍ଠିତ ହେବା ନେଇ ସଭାରେ ସମସ୍ତ ସଭ୍ୟଙ୍କ ମତାମତକୁ ନେଇ ସ୍ଥିର ହୋଇଥିଲା।

# ସଂଭାବନାର ସ୍ୱର ସାମ୍ରାଜ୍ଞୀ ସଂଧ୍ୟା: ଭାବବିହ୍ୱଳ ଦର୍ଶକ

ଭୁବନେଶ୍ୱର (ପିଏନ୍)-ସଂଭାବନା ପକ୍ଷରୁ କିଛି ଚିରସବୁଜ ଲତା ସଂଗୀତକୁ ନେଇ ଚତୁର୍ଦ୍ଦଶ ବର୍ଷର ପ୍ରସ୍ତୁତି ଥିଲା, 'ସ୍ୱର ସାମ୍ରାଜ୍ଞୀ ସଂଧ୍ୟା' । କାର୍ଯ୍ୟକ୍ରମର ଆକର୍ଷଣ ଥିଲେ ବର୍ଣ୍ଣାଳୀ ହୋତା। ତାଙ୍କ ସହ ଥିଲେ ସୁନାମଧନ୍ୟ ପ୍ରଚ୍ଛଦପଟ୍ଟ ଗାୟକ ଗୌତମ ଗିରି । ପୁଣି ଥିଲେ ଛନ୍ଦା ମିଶ୍ର, ଆଶିଷ ଦତ୍ତ, ଅର୍ଣ୍ଣବ ପଣ୍ଡା, ଇପ୍‌ସିତା ମହାନ୍ତି, ଋତିକା ରିମ୍‌ଝିମ୍, ପୁଣ୍ୟତା ଦାଶ, ଅଳି ଦୀପା ଓ ବିପୁଲ୍ ଆଦି ପ୍ରତିଷ୍ଠିତ କଣ୍ଠଶିଳ୍ପୀମାନେ।

ସ୍ୱର ସାମ୍ରାଜ୍ଞୀ ଭାବେ ଭାରତର ଘରେ ଘରେ ପରିଚିତା ଲତାଜୀଙ୍କର ଅଗଣିତ ସଂଗୀତ ମଧ୍ୟରୁ ବେଶ୍ କିଛି ଚିରସବୁଜ ସଂଗୀତକୁ ନେଇ ୨୦୦୬ରୁ ସଂଭାବନା ଆୟୋଜନ କରୁଥିବା, 'ସ୍ୱର ସାମ୍ରାଜ୍ଞୀ ସଂଧ୍ୟା' କାର୍ଯ୍ୟକ୍ରମରେ ୧୪ଶ ବର୍ଷ ପାଇଁ ଆୟୋଜିତ ଏହି ସ୍ୱତନ୍ତ୍ର ସଂଗୀତଭିତ୍ତିକ ଶ୍ରଦ୍ଧାର୍ପଣ ସଂଧ୍ୟାରେ ପ୍ରଖ୍ୟାତ ଗାୟିକା ବର୍ଣ୍ଣାଳୀ ହୋତା ଦର୍ଶକଙ୍କର କରତାଳି ମଧ୍ୟରେ ଗାଇଥିଲେ ସୂର୍ଯ୍ୟମୁଖୀ ଚଳଚ୍ଚିତ୍ରରେ ଲତା ଗାଇଥିବା ସେଇ ଚୁନା ଚୁନା ତାରା ଫୁଲେ ଆଜି ଓ ହିନ୍ଦୀ ସଂଗୀତ ଯାରା ସିଲିସିଲି। ଜାନେ କ୍ୟା ବାତ୍ ହେ ଓ ଦର୍ଦସେ ମେରା ଦାମନ୍ ଭରଦେ ଗାଇ ସେ ପୁଣି ଆନମନା କରିଥିଲେ ଶ୍ରୋତୃମଣ୍ଡଳୀଙ୍କୁ।

ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବରେ ପ୍ରମୁଖ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ବିଶିଷ୍ଟ ସଂଗୀତଜ୍ଞ ପ୍ରଣବ କିଶୋର ପଟ୍ଟନାୟକ ଓ ସାହିତ୍ୟିକ ଦାଶ ବେନ୍‌ହୁର ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମ ସଂପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ ସଂପାଦକ ଦେବପ୍ରସାଦ ପରିଜା। ସଂଭାବନାର ଆଜୀବନ ସଭ୍ୟ ନିରାକାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ପରିଚାଳନା ଓ ସଂଯୋଜନାରେ ଅନୁଷ୍ଠିତ ଏହି ସଂଗୀତ କାର୍ଯ୍ୟକ୍ରମରେ ସଂଗୀତରେ ଶ୍ରଦ୍ଧାର୍ପଣ କରିବାକୁ ଯାଇ ଗୌତମ ଗିରି ଗାଇଥିଲେ ଲଗ୍‌ଯା ଗଲେ ଓ ଛନ୍ଦା ମିଶ୍ର-ଗୌତମ ଗିରି ଦ୍ୱୈତ କଣ୍ଠରେ ଗାଇଥିଲେ ଯୁହିଁ ତୁମ୍ ମୁଝସେ ବାତ୍ କରତି ହୋ। ପୁନର୍ବାର ଛନ୍ଦା ମିଶ୍ର ଲତାଙ୍କ ସ୍ୱରରେ ଅରୁନ୍ଧତୀ ଚଳଚ୍ଚିତ୍ରର ସଂଗୀତ ଆଜି ମୁଁ ଶ୍ରାବଣୀ ଏବଂ ୟେ ଜିନ୍ଦେଗୀ ଉସିକି ହେ ପରଶିଥିଲେ। ଗାୟକ ଆଶିଷ ଦତ୍ତ ଓ ଋତିକା ରିମ୍‌ଝିମ୍ ଗାଇଥିଲେ ଗାତା ରହେ ମେରା ଦିଲ୍ ଏବଂ ପୁନଶ୍ଚ ଆଶିଷ ଦତ୍ତ, ଛନ୍ଦା ମିଶ୍ରଙ୍କ ସହ ଯୁଗଳ କଣ୍ଠରେ ଗାଇଥିଲେ ତେରେ ମେରେ ମିଲନ୍ କି ୟେ ରୈନା। ଅର୍ଣ୍ଣବଙ୍କ ସ୍ୱରରେ ରିମଝିମ୍ ଗିରେ ସାବନ ଏବଂ ଇପ୍‌ସିତା ଓ ଅର୍ଣ୍ଣବଙ୍କ ଗାୟନରେ ତେରେ ବିନା ଜିନ୍ଦେଗୀ ସେ କୋଇ ବେଶ୍ ଛୁଇଁଥିଲା ସଂଗୀତ ପ୍ରେମୀଙ୍କୁ। ଇପ୍‌ସିତାଙ୍କର ସ୍ୱରରେ ମିଲତି ହେ ଜିନ୍ଦେଗୀ ମେ ଓ ପୁଣ୍ୟତାଙ୍କ ସହ ହସତା ହୁଆ ନୁରାନୀ ଚେହେରା ସଂଗୀତରେ ଆମୋଦିତ ହୋଇଥିଲେ ଦର୍ଶକ। ବିପୁଲ/ରିତିକାଙ୍କ ସ୍ୱରରେ ଆଜା ସନମ ମଧୁର ଚାନ୍ଦନି ମେ ହମ୍ ଏବଂ ଅଳିଦୀପାଙ୍କ ସ୍ୱରରେ ତେରେ ମେରେ ବିଚ ମେଁ କୈସା ହେ ୟେ ବନ୍ଧନ ଭଳି ଜନପ୍ରିୟ ଲତା ସଂଗୀତ ରୋମାଞ୍ଚିତ କରିଥିଲା ପ୍ରେକ୍ଷାଳୟକୁ। ଅନ୍ୟ ଜନପ୍ରିୟ ଲତା ସଂଗୀତଗୁଡ଼ିକ ଥିଲା ଚାହେ ରହୋ ଦୂର, ଦିଲ୍ ଦିବାନା ବିନ୍ ସଜନା କେ, ନୈନୋ ମେଁ ବଦରା ଛାୟେ, ମନ୍ କ୍ୟୁଁ ବେହେକାରେ ବେହେକା ଇତିନା ନା ମୁଝସେ ତୁ ପ୍ୟାର ବଢ଼ା, ଆଛା ତୋ ହମ୍ ଚଲତେ ହେଁ, କାଞ୍ଚରେ କାଞ୍ଚି ରେ, ସାବନ୍ କା ମହିନା, ନୈନା ବରଷେ ରିମଝିମ, ଆକେ ତେରି ବାହୋଁ ମେ, କରବଟେ ବଦଲ୍‌ତେ ରହେ, ତୁଝ ସଙ୍ଗ୍ ପ୍ରୀତ ଲଗାଇ। କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ସଭ୍ୟ ରାଜଶ୍ରୀ ଶତ୍‌ପଥି, ପ୍ରଫୁଲ୍ଲ ଦେ ଓ ଅଭିରାମ ସାହୁ।




# ଉଦୀୟମାନ ଅନୁଷ୍ଠାନର ୧୭ତମ ବାର୍ଷିକ ଉତ୍ସବ



ଚଣ୍ଡିଖୋଲ,୦୪/୧୯ (ପିଏନ): ଯାଜପୁର ଜିଲ୍ଲା ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦୀୟମାନର ୧୭ତମ ବାର୍ଷିକ ଉତ୍ସବ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ମହାଆଡ଼ମ୍ବର ସହକାରେ ଚଣ୍ଡିଖୋଲ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ସକାଳର ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପଦ୍ମଚରଣ ରାଉତରାୟ, ଡ. କେଦାରନାଥ ଦାଶ, ଧର୍ମଶାଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ଅଜୟ କୁମାର ଲେଙ୍କା, ବଡଚଣା ଥାନାଧିକାରୀ ଦୀପକ୍ କୁମାର ଜେନା, ଚଣ୍ଡିଖୋଲ ଅଗ୍ନିଶମ ବିଭାଗ ଅଧିକାରୀ ପ୍ରଭାକର ସାହୁ, ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚିନାରାୟଣ ପରିଡା ପ୍ରମୁଖ ଯୋଗଦେଇ ଅନୁଷ୍ଠାନ ପରିସରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଜାତୀୟ ପତାକା ଉତ୍ତୋଳନ କରି ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ପରେ ପରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତାମାନ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ଅମରପ୍ରସାଦ ଶତପଥୀ, ମୁଖ୍ୟବକ୍ତା ପ୍ରାକ୍ତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ସମ୍ମାନୀତ ଅତିଥି ଗୀତିକାର ନିଗମ ମିଶ୍ର, କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର, ବାଦଲ ଆଚାର୍ଯ୍ୟ, ସଂଜୁ ମହାନ୍ତି, ସିନେ ଅଭିନେତା ବୀରେନ୍ ମିଶ୍ର, ମିଲି ମହାନ୍ତି, କୀର୍ତ୍ତି ମହାନ୍ତି ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ମୁଖପତ୍ର "ଆଶା" ଉନ୍ମୋଚନ କରିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏଥିରେ ଚମ୍ପିୟାନ୍ ସ୍ୱଜଳା ଦାସ, ଆୟୁଷ ପଟ୍ଟନାୟକ ଯୋଗ୍ୟ ବିବେଚିତ ହୋଇଥିଲେ । ପ୍ରତିଯୋଗିତାର ବିଚାରକ ଭାବେ ରଜନୀକାନ୍ତ ପୃଷ୍ଟି, ଗୟାଧର ମହାପାତ୍ର, ଅନନ୍ତ ପ୍ରସାଦ ମହାଲା, ଡ. ସୁଧିର ଚରଣ ସାମଲ, ହିମାଂଶୁ ଶେଖର ପଣ୍ଡା, ବିପିନ୍ ବିହାରୀ ସ୍ୱାଇଁ, କାହ୍ନୁ ଚରଣ ସାହୁ, ପ୍ରଶନ୍ନ କୁମାର ଜେନା, ଲାଲ୍‌ବିହାରୀ ଜେନା, ନରେନ୍ଦ୍ର ପ୍ରତାପ, ଅମ୍ବିକା ପ୍ରସାଦ ମିଶ୍ର ସଠିକ୍ ନିର୍ଣ୍ଣୟ କରିଥିଲେ । ଏହି ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ବ୍ୟକ୍ତି ବିଶେଷଙ୍କୁ ମାନପତ୍ର, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ଅବିନାଶ ଜେନା, ସଂପାଦକ ଅନୀଲ୍ କୁମାର ଦାସ, ଉପସଭାପତି ପ୍ରକାଶ କୁମାର ନାୟକ, ସହ ସଂପାଦକ କାର୍ତ୍ତିକ ଚନ୍ଦ୍ର ଜେନା, ମଦନ ମୋହନ ପରମାଣିକ, ଡ. ଦିଲ୍ଲିପ ନାୟକ, ଶୈଳେଶ ମିଶ୍ର, ତାପସ ରଂଜନ ସ୍ୱାଇଁ, କୈବଲ୍ୟ ମହାପାତ୍ର, ତପନ ବରାଳ, ତ୍ରିଲୋଚନ ଦାସ, ତପନ ଦାସ, ସାଗର ରଂଜନ ନାୟକ, ସରିତା ସ୍ୱାଇଁ, ସ୍ମରଣିକା ବିହାରୀ, ଅବିନାଶ ପଣ୍ଡା ସୂଚାରୁ ରୂପେ ପରିଚାଳନା କରିଥିଲେ । ପ୍ରାପ୍ତି ପାରମିତା ନାୟକ, କନକଲତା ସାମଲ, ରଶ୍ମିତା ବେହେରା ମଞ୍ଚ ପରିଚାଳନା କରିଥିଲେ ।

# ଓମ୍‌ରୋନ୍ ହେଲଥ୍ କେୟାର ପକ୍ଷରୁ ମୁମ୍ବାଇରେ ଅଭିଜ୍ଞତା କେନ୍ଦ୍ର ସ୍ଥାପିତ



ଭୁବନେଶ୍ୱର : ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ କମ୍ପାନୀ ଓମ୍‌ରୋନ୍ ହେଲଥ୍ କେୟାର ପକ୍ଷରୁ ମୁମ୍ବାଇର ପଶ୍ଚିମ ଥାନେ ଠାରେ ଅଭିଜ୍ଞତା କେନ୍ଦ୍ର ଉଦ୍‌ଘାଟନ ସମ୍ପର୍କରେ ଘୋଷଣା କରାଯାଇଛି । ଏଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସେବା ମଧ ଉପଲବ୍ଧ କରାଯିବ । ସମ୍ପ୍ରତି ଭାରତରେ ଓମ୍‌ରୋନ୍‌ର ୫୦ ଟଚ୍ ପଏଂଟ୍ କାର୍ଯ୍ୟ କରୁଛି । ଏଠାରେ ଅଭିଜ୍ଞତା ସହିତ, ସେବା ଏବଂ ପିକ୍ ଅପ୍ ସେବା ଯୋଗାଇ ଦିଆଯାଉଛି । ଗ୍ରାହକଙ୍କ ନିକଟବର୍ତ୍ତୀ ହେବା ପାଇଁ କମ୍ପାନୀ ପକ୍ଷରୁ ଏଭଳି ସେବା ଯୋଗାଇ ଦିଆଯାଉଛି । ଗ୍ରାହକ ବିଭିନ୍ନ ଉତ୍ପାଦ ସମ୍ପର୍କରେ ସେମାନଙ୍କର ଅଭିଜ୍ଞତା ଏହି କେନ୍ଦ୍ରରେ ବଖାଣି ପାରିବେ । ଏହି କେନ୍ଦ୍ରରେ କମ୍ପାନୀର ବିଭିନ୍ନ ଉତ୍ପାଦର ମରାମତି କରାଯିବ ।

ଏହି କେନ୍ଦ୍ରରେ ଗ୍ରାହକଙ୍କୁ କମ୍ପାନୀର ବିଭିନ୍ନ ଆଧୁନିକ ଉତ୍ପାଦ ସମ୍ପର୍କରେ ମଧ ଅବଗତ କରାଯିବ । ଗ୍ରାହକଙ୍କୁ ବିଭିନ୍ନ ଉତ୍ପାଦର ବ୍ୟବହାର କିପରି କରାଯିବ ତାହାର ପ୍ରଦର୍ଶନ ମଧ କରାଯିବ । ଏହି ଅଭିଜ୍ଞତା କେନ୍ଦ୍ରରେ ଅଭିଜ୍ଞତା ଜୋନ୍ ମଧ ରହିଛି । ପ୍ରତିଦିନ ୧୦୦ରୁ ଅଧିକ ଗ୍ରାହକ ଏହି କେନ୍ଦ୍ରକୁ ଆସିବେ ବୋଲି ଆଶା କରାଯାଉଛି । ପରବର୍ତ୍ତୀ ସମୟରେ ଗ୍ରାହକଙ୍କ ସଂଖ୍ୟା ବଢ଼ିବାର ଆଶା ରହିଛି ।ଏହି ଅବସରରେ ଓମ୍‌ରୋନ୍ ହେଲଥ୍ କେୟାର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ କାଜୁନୋରି ଟୋକୁରା କହିଲେ, ଓମ୍‌ରୋନ୍ ନିରନ୍ତର ନବୀନତମ ଅନନ୍ୟ ଉତ୍ପାଦ ନିର୍ମାଣ ଜାରି ରଖିଛି । ଯାହାଦ୍ୱାରା ଗ୍ରାହକଙ୍କ ଜୀବନଶୈଳୀରେ ପରିବର୍ତ୍ତନ ସହିତ ଜୀବନଧାରଣ ମାନ ଉନ୍ନତ ହୋଇପାରିବ । ମୁମ୍ବାଇର ଏହି ଅଭିଜ୍ଞତାକେନ୍ଦ୍ର ପ୍ରତିଟି ଉତ୍ପାଦ ତଥା ଗ୍ରାହକଙ୍କୁ ଟଚ୍ କରିବାର ପ୍ରୟାସ କରିବ । ଏହା ସହିତ ଶ୍ରେଷ୍ଠ ସେବା ଯୋଗାଇ ଦେବାର ଉଦ୍ୟମ କରିବ ।କମ୍ପାନୀ ୨୦୨୦ ସୁଦ୍ଧା ଜିରୋ ଇଭେଂଟ୍ ଲକ୍ଷ୍ୟ ନେଇ କାର୍ଯ୍ୟ କରୁଛି । ହୃଦ୍ ଘାତ ଏବଂ ବ୍ରେନ୍ ଷ୍ଟ୍ରୋକ୍ ଶୂନ୍ୟ ଘଟଣା ଏହି ଲକ୍ଷ୍ୟର ମୁଖ୍ୟ ପ୍ରୟାସ । ଘରୋଇ ସ୍ୱାସ୍ଥ୍ୟ ସେବାର ବିକାଶ ଏହା ସମ୍ଭବ ହୋଇପାରିବ । ଘରୋଇ କ୍ଷେତ୍ରରେ ଡିଜିଟାଲ ବ୍ଲଡ୍ ପ୍ରେସର ମନିଟର, ନେବୁଲାଇଜର୍, ନର୍ଭ ଷ୍ଟିମୁଲେଟର, ବଡି ଫ୍ୟାଟ୍ ମନିଟର ଏବଂ ଥର୍ମୋମିଟର ଆଦିର ବ୍ୟବହାର ଦ୍ୱାରା ହୃଦ୍ ଘାତ ଏବଂ ବ୍ରେନ୍ ଷ୍ଟ୍ରୋକ୍ ଘଟଣା ହ୍ରାସ ପାଇବାର ଆଶା ରହିଛି । ସୂଚନାଯୋଗ୍ୟ, ଓମ୍‌ରୋନ୍ ହେଲଥ୍ କେୟାର ୨୦୦୫ରେ ଏହାର କାରବାର ଆରମ୍ଭ କରିଥିଲା । ଏହା ରକ୍ତଚାପ ମନିଟରିଂ, ଶ୍ୱାସନଳୀ ସମ୍ପର୍କିତ ଥେରାପି, ମେଦବହୁଳତା, ଡିଜିଟାଲ ଥର୍ମୋମିଟର ତଥା ଯନ୍ତ୍ରଣା ଉପଶମକାରୀ ଡିଭାଇସ୍ ନିର୍ମାଣ କରିଥାଏ । ଏହାର ଭାରତ ସମେତ ପୃଥିବୀର ବିଭିନ୍ନ ରାଷ୍ଟ୍ରରେ ଏହାର କାରବାର ଜାରି ରଖିଛି ।

# ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ସଚେତନତା ରାଲି



କେନ୍ଦ୍ରାପଡା ,(ପିଏନ)- କେନ୍ଦ୍ରାପଡା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ୧ନମ୍ବର ସେକସନ ଆନୁକୁଲ୍ୟରେ ବୁଧବାର କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ପଂଚାୟତର ମେହେନ୍ଦିପୁର ସ୍କୁଲଛକରୁ ସ୍ୱଚ୍ଛତା ଅଭିଯାନ ପାଇଁ ଏକ ସଚେତନତା ମଟର ସାଇକେଲ ରାଲି ବାହାରିଥିଲା । ଏହି ରାଲିକୁ ଜିଲ୍ଲାପାଳ ସମର୍ଥ ବର୍ମା ଓ ଭରତପୁର ସରପଂଚ ଜୀନତପ୍ରିୟଦର୍ଶିନୀ ରାଉତ ପତକା ଦେଖାଇ ଉଦଘାଟନ କରିଥିଲେ । ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ସି.ଏଲ.ଟି.ମୋଟିଭେଟରମାନେ ଭରତପୁର ପଂଚାୟତ ସମେତ ଶ୍ୟାମସୁନ୍ଦରପୁର, ଚକ୍ରୋଡା, ଭାଗବତପୁର, ଜମଧର, ଗୁଲନଗର ପଂଚାୟତରେ ପ୍ରତ୍ୟେକ ଗ୍ରାମକୁ ଗ୍ରାମ ବୁଲି ଲୋକମାନଙ୍କୁ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇ ପାଇଖାନା ନିର୍ମାଣ କରି ବ୍ୟବହାର କରିବା ସହିତ ସ୍ୱଚ୍ଛତା ରକ୍ଷା କରିବାକୁ ସଚେତନ କରାଇବେ । ଏହି କାର୍ଯ୍ୟକ୍ରମରେ ବିଭାଗର କନିଷ୍ଠ ଯନ୍ତ୍ରୀ ଇଂ ରବିନ୍ଦ୍ର କୁମାର ପଣ୍ଡା,ଏସ.ଇ.ଏମ.ଗୋପାଳ ଚରଣ ଦାସ,ସ୍ୱଚ୍ଛତା ଅଭିଯାନ ସଂଯୋଜକଙ୍କ ସମେତ ସି.ଏଲ.ଟି.ମୋଟିଭେଟରମାନେ ଅଂଶଗ୍ରହଣ କରିଥିଲେ ।

# ସୋର-କୁପାରୀ ରାସ୍ତା "ମହାତ୍ମା ଗାନ୍ଧୀ ମାର୍ଗ" ନାମରେ ନାମିତ



ବାଲେଶ୍ୱର,(ପିଏନ)- ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ସମାରୋହ ପାଳନ ଅବସରରେ ବାଲେଶ୍ୱର ଜିଲ୍ଲା ସ୍ଥିତ ସୋର ୟୁଏନ ମହାବିଦ୍ୟାଳୟ ଛକ ଠାରୁ କୁପାରୀ ଭାୟା ତୁଡିଗଡିଆ ଯାଏଁ ଯାଇଥିବା ରାଜ୍ୟ ରାଜପଥକୁ "ମହାତ୍ମା ଗାନ୍ଧୀ ମାର୍ଗ" ଭାବେ ନାମକରଣ କରାଯାଇଛି । ତୁଡିଗଡିଆର ଐତିହାସିକ ପୃଷ୍ଠଭୂମି ଏବଂ ସ୍ଥାନୀୟ ଶହୀଦ କେଲୁ ସାହୁ, ମକର ଲେଙ୍କା ଓ ରଘୁ ବେହେରାଙ୍କ ବଳିଦାନକୁ ଚିର ସ୍ମରଣୀୟ କରିବା ଦିଗରେ ଏହା ପ୍ରଶାସନ ତରଫରୁ ଅନ୍ୟତମ ପଦକ୍ଷେପ ବୋଲି ସ୍ଥାନୀୟ ଅଂଚଳରେ ଜନମତ ପ୍ରକାଶ ପାଇଛି । ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଜିଲ୍ଲା ପ୍ରଶାସନକୁ ରାଜ୍ୟ ସରକାରଙ୍କ ତରଫରୁ ଦିଆଯାଇଥିବା କେତୋଟି ପ୍ରସ୍ତାବ ମଧ୍ୟରେ ଏହା ଅନ୍ୟତମ ଉଲ୍ଲେଖନୀୟ ପଦକ୍ଷେପ । ନାମକରଣ ପରେ ତୁଡିଗଡିଆ ବଜାର ମୁଖ୍ୟ ଛକ ଠାରେ ଫଳକ ସ୍ଥାପନା ଅବସରରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ସୁବାଷ ନିଆଲ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ, ଗାନ୍ଧିବାଦୀ ତଥା ସାମ୍ବାଦିକ ଶ୍ରୀ ସର୍ବେଶ୍ୱର ଦାସ, ତୁଡିଗଡିଆ ଶଦୀହ ସ୍ମାରକୀ ଜନକଲ୍ୟାଣ ପରିଷଦର ସଭାପତି ଶ୍ରୀ ଉପେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ସଂପାଦକ ଶ୍ରୀ ଉପେନ୍ଦ୍ର ପ୍ରସାଦ ପାଢୀ, ସଦସ୍ୟ ଶ୍ରୀ ଭାସ୍କର ପାଣିଗ୍ରାହୀଙ୍କ ସମେତ ଗ୍ରାମବାସୀମାନେ ଉପସ୍ଥିତ ଥିଲେ । ଏହି ନାମଫଳକକୁ ପୂର୍ତ୍ତ ବିଭାଗ ଡିଭିଜନ-୧ ତରଫରୁ ନିର୍ବାହୀ ଯନ୍ତ୍ରୀ ଇଂ ମହେଶ ପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସ୍ଥାପନ କରାଯାଇଥିଲା ।

# ଭରତପୁର ଗ୍ରାମପଂଚାୟତ ରିଲିଫ ଟ୍ରଷ୍ଟ ପକ୍ଷରୁ ଅସହାୟା ବୃଦ୍ଧାଙ୍କୁ ସହାୟତା ପ୍ରଦାନ



କେନ୍ଦ୍ରାପଡା (ପିଏନ)- କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ପଂଚାୟତର ଭରତପୁର ଗ୍ରାମପଂଚାୟତ ରିଲିଫ ଟ୍ରଷ୍ଟ ପକ୍ଷରୁ ଜଣେ ଅସହାୟା ବୃଦ୍ଧାଙ୍କୁ ସହାୟତା ପ୍ରଦାନ କରାଯାଇଛି । ଭରତପୁର ସରପଂଚ ଜୀନତ ପ୍ରିୟଦର୍ଶିନୀ ରାଉତ ଜଗନ୍ନାଥପୁର ଗ୍ରାମର କୁଳମଣି ନାୟକଙ୍କ ବିଧବା ପତ୍ନୀ ଅସହାୟା ବୃଦ୍ଧା ବଦନୀ ନାୟକଙ୍କୁ ଏକଗୋଟି ଜରିପାଲ,ବିସ୍କୁଟ,ଚୂଡା ପ୍ରଭୃତି ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ ବଦନୀଙ୍କର ୨ପୁଅ ଥିଲେ ମଧ୍ୟ ସେମାନେ ତାଙ୍କୁ ପଚାରୁନଥିବା ବେଳେ ସେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଏକ ଭଙ୍ଗା ଚାଳଘରେ ଜୀବନ ବିତାଉଛନ୍ତି । ଏହି ସହାୟତା ପ୍ରଦାନ ସମୟରେ ରିଲିଫ ଟ୍ରଷ୍ଟର ସଦସ୍ୟ ହେମନ୍ତ କୁମାର ଜେନା, ବିଜୟ କୁମାର ଦାସ, ଶାରଦା ପ୍ରସନ୍ନ ରାଉତ, ଅରବିନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ୍ ହେବ ଓଡ଼ିଶାର କଳା ଓ ସଂସ୍କୃତିର ଏକ୍ସପ୍ରେସ୍

## ଲୋକାର୍ପଣ କରିବେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର, (ପିଏନ) : ରାଜଧାନୀ ଏକ୍ସପ୍ରେସ୍ ଭୁବନେଶ୍ୱରରୁ ବାହାରି ବିଭିନ୍ନ ରାଜ୍ୟ ଦେଇ ଦିଲ୍ଲୀରେ ପହଞ୍ଚିଥାଏ । ଏହି ଏକ୍ସପ୍ରେସ୍‌କୁ ଓଡ଼ିଶାର କଳା ଓ ସଂସ୍କୃତିର ଏକ୍ସପ୍ରେସ୍‌ରେ ରୂପାନ୍ତରିତ କରିବା ପାଇଁ କିଛି ଦିନ ତଳେ ପୂର୍ବତଟ ରେଳବାଇ ଏବଂ ନବରତ୍ନ ନାଲ୍‌କୋ ମଧରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା । ଏହି ବୁଝାମଣା ସ୍ୱାକ୍ଷରିତ ହେବା ପରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରୟାସରେ ରେଳବାଇ ମନ୍ତ୍ରାଳୟ ଏହାକୁ ମଂଜୁରୀ ଦେଇଥିଲା । ଏହି ପ୍ରକଳ୍ପ ଅନୁସାରେ ରାଜଧାନୀ ଏକ୍ସପ୍ରେସ୍‌ର ଡବାଗୁଡ଼ିକର ବାହ୍ୟ ପାର୍ଶ୍ୱ ଓଡ଼ିଶାର ପଟ୍ଟଚିତ୍ର, ଓଡ଼ିଶାର ପର୍ଯ୍ୟଟନ ସ୍ଥଳ ତଥା ଓଡ଼ିଶାର ପ୍ରସିଦ୍ଧ ଶାସ୍ତ୍ରୀୟ ଓ ଲୋକନୃତ୍ୟରେ ଅଙ୍କିତ ହେବ । ରାଜଧାନୀ ଏକ୍ସପ୍ରେସ୍‌କୁ ଓଡ଼ିଶାର କଳା-ସଂସ୍କୃତିର ଏକ୍ସପ୍ରେସ୍‌ରେ ରୂପାନ୍ତରଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି ଏବଂ ଆଶା କରାଯାଉଛି ଯେ ଅକ୍ଟୋବର୍ ମାସ ମଧ ଭାଗ ସୁଦ୍ଧା ଶେଷ ହେବ । ଏହି ନୂତନ ରୂପରେ ସଜ୍ଜିତ ରାଜଧାନୀ ଏକ୍ସପ୍ରେସ୍‌କୁ କେନ୍ଦ୍ର ପେଟ୍ରୋଲିୟମ୍, ପ୍ରାକୃତିକ ଗ୍ୟାସ୍ ଓ ଇସ୍ପାତ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ଖଣି, କୋଇଲା ଓ ସାଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ପ୍ରହଲ୍ଲାଦ ଯୋଶୀଙ୍କ ଦ୍ୱାରା ନୂଆଦିଲ୍ଲୀ ଷ୍ଟେସନ୍ ଠାରୁ ଲୋକାର୍ପିତ ହେବାର ଯୋଜନା ରହିଛି ।

# ରୋଗୀ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଆକ୍ଟରେ ସଂଶୋଧନ ଦାବିକଲା ସ୍ୱାସ୍ଥ୍ୟ ଓ ଶିକ୍ଷା ଅଧିକାର ମଞ୍ଚ

ଭୁବନେଶ୍ୱର, (ପିଏନ) : ରୋଗୀ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ଘରୋଇ ଚିକିତ୍ସାଳୟ ଓ ଅନ୍ୟାନ୍ୟ କ୍ଲିନିକ୍ ଉପରେ ନିୟନ୍ତ୍ରଣ କରିବା ପାଇଁ ଥିବା କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଆକ୍ଟରେ ସଂଶୋଧନ କରି କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡ ଅନୁସାରେ ଆଇନ୍ ଆଣିବା ଲାଗି ସାମାଜିକ କର୍ମୀମାନେ ଦାବି କରିଛନ୍ତି ।

ଆଜି ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ସ୍ୱାସ୍ଥ୍ୟ ଓ ଶିକ୍ଷା ଅଧିକାର ମଞ୍ଚ ତରଫରୁ ଆୟୋଜିତ ରାଜ୍ୟସ୍ତରୀୟ ଆଲୋଚନା ଚକ୍ରରେ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଶୋଷିତ, ପୀଡ଼ିତ ଏବଂ ସର୍ବହରା ହୋଇଥିବା ରୋଗୀମାନେ ତାଙ୍କ ଯନ୍ତ୍ରଣାର ଲୋମହର୍ଷଣର କାହାଣୀ ଶୁଣାଇବା ବେଳେ ଉପସ୍ଥିତ ଥିବା ଲୋକଙ୍କ ଆଖିରେ ଲୁହ ଆସିଯାଇଥିଲା । ଜନସ୍ୱାସ୍ଥ୍ୟ ଅଭିଯାନ, ଓଡ଼ିଶାର ଆବାହକ ଗୌରାଙ୍ଗ ମହାପାତ୍ର ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାର ବର୍ତ୍ତମାନର ସ୍ଥିତି, ରୋଗୀ ଅଧିକାର ସନନ୍ଦ ଏବଂ ରାଜ୍ୟ କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଆକ୍ଟର ସ୍ଥିତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଜନସ୍ୱାସ୍ଥ୍ୟ ଅଭିଯାନର ଜାତୀୟ ଯୁଗ୍ମ ଆବାହକ ଡଃ ଅଭୟ ଶୁକ୍ଳା ରୋଗୀ ଅଧିକାର ସୁରକ୍ଷା ପାଇଁ ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସୁଧାରକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ସମସ୍ତଙ୍କୁ ନିବେଦନ କରିଥିଲେ । ଏହା ସହିତ ଘରୋଇ ଚିକିତ୍ସାଳୟରେ ରୋଗୀଙ୍କ ସ୍ୱାର୍ଥର ସୁରକ୍ଷା ଏବଂ ଉପଯୁକ୍ତ ଚିକିତ୍ସା ପାଇଁ କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଆକ୍ଟରେ ସଂଶୋଧନ ଆଣିବା ଦିଗରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପଡ଼ୋଶୀ ରାଜ୍ୟ ଆନ୍ଧ୍ରର ମେଡ଼ିକାଲ କଲେଜର ପ୍ରଫେସର ଡଃ ନନ୍ଦିତା ଏଥିକାଲ ଚିକିତ୍ସା ଏବଂ ଆଣ୍ଟି ବାୟୋଟିକ୍‌ସର ଉପଯୁକ୍ତ ପରିଚାଳନାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଜନସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସୁଧାର ପାଇଁ ରୋଗୀ ଅଭିଯୋଗ ଶୁଣାଣୀ ବ୍ୟବସ୍ଥା କରିବା ପାଇଁ ମତପ୍ରକାଶ ପାଇଥିଲା । ଏହି ଆଲୋଚନା ଚକ୍ରକୁ ଅକ୍ସଫାମର ସନ୍ତୋଷ ପାତ୍ର, ୱାଇଏସଡ଼ିର ବିଭୂ ପ୍ରସାଦ ସାହୁ, ସହଯୋଗ ଅନୁଷ୍ଠାନର ବିଜୟଲକ୍ଷ୍ମୀ ରାଉତରାୟ, ଶିକ୍ଷା ସନ୍ଧାନର ଅନିଲ୍ ପ୍ରଧାନ, ସିସିଡ଼ବ୍ଲୁଡ଼ିର ସିଦାଶିବ ସ୍ୱାଇଁ ଏବଂ ଏଚ୍‌ଆରଏଲ୍‌ଏନ୍‌ର ସୁଜାତା ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଭୁବନେଶ୍ୱର ଶାଖା ପକ୍ଷରୁ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ



ଭୁବନେଶ୍ୱର(ପିଏନ): ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ଦିବସ ଅବସରରେ ସେଣ୍ଟ୍ରାଲ ଏକ୍ସାଇଜ୍ ଆଣ୍ଡ କଷ୍ଟମ୍ସ ଭୁବନେଶ୍ୱର ଶାଖା ପକ୍ଷରୁ ମୁଖ୍ୟ କମିଶନର ଶ୍ରୀଯୁକ୍ତ ନରେସ ପେନୁମାକାଙ୍କ ନେତୃତ୍ୱରେ ଏକ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ସେଣ୍ଟ୍ରାଲ ରେଭେନ୍ୟୁ କଲୋନି ଏବଂ ଟ୍ରାଇବାଲ ଆଶ୍ରମ ବିଦ୍ୟାଳୟରେ ସଂସ୍ଥାର ଅଫିସର ଏବଂ କର୍ମୀଙ୍କଦ୍ୱାରା ଉତ୍ସାହର ସହ ସମ୍ପାଦନ କରାଯାଇଥିଲା ।

ଏହି ଅବସରରେ ମୁଖ୍ୟ କମିଶନର ଶ୍ରୀଯୁକ୍ତ ନରେସ ପେନୁମାକା କହିଛନ୍ତି ସ୍ୱଚ୍ଛତାକୁ ପ୍ରତ୍ୟେକ ଲୋକ ନିଜ ଜୀବନ ଶୈଳିର ଏକ ଅଂଶଭାବେ ଗ୍ରହଣ କରିବା ଦରକାର । ଏହାସହ ସେ ବିଦ୍ୟୁତ୍, ଜଳ ଏବଂ ଖାଦ୍ୟ ସଞ୍ଚୟସହ ଥରେ ବ୍ୟବହାର ଉପଯୋଗୀ ପ୍ଲାଷ୍ଟିକ୍ ଠାରୁ ଦୁରେଇ ରହିବା ନିମନ୍ତେ ପରାମର୍ଶ କରିଥିଲେ । ସେଠାରେ ସେ ଛାତ୍ରଛାତ୍ରୀମାନଙ୍କୁ ଏକ ସ୍ୱଚ୍ଛତା କିଟ ପ୍ରଦାନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ କମିଶନରେଟ୍ ଶ୍ରୀଯୁକ୍ତ ବି.କେ କର, ଅତିରିକ୍ତ କମିଶନର ଶ୍ରୀମତି ଅନୁରାଧା ମିଶ୍ର, ଅତିରିକ୍ତ କମିଶନର ଶ୍ରୀ ସନ୍ତୋଷ କୁମାର ମହାନ୍ତି, ଅତିରିକ୍ତ କମିଶନର ଶ୍ରୀ ଗୋପାଳକୃଷ୍ଣ ପତି, ଯୁଗ୍ମ କମିଶନର ଜେ. ସତିଷ ଚନ୍ଦ୍ର, ଯୁଗ୍ମ କମିଶନର ସରୋଜ ଚକ୍ରବର୍ତ୍ତୀ ଏବଂ ସହ କମିଶନର ଟି.କେ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ସଫୋଲାଲାଇଫ୍‌ର ଗବେଷଣାରୁ ଜଣାଯାଇଛି ଭାରତର ୬୪% ଲୋକ ହୃଦୟ ସମସ୍ୟାର ଶିକାର ହୋଇଥାନ୍ତି

ଭୁବନେଶ୍ୱର : ବିଶ୍ୱ ହୃଦୟ ଦିବସରେ ସଫୋଲାଲାଇଫ୍ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଜଣାଯାଇଛି ଯେ ସାଧାରଣ ଭାବେ ଅଣଦେଖା କରାଯାଉଥିବା ଜୀବନ ଶୈଳି ହୃଦ୍‌ରୋଗର କାରଣ ହୋଇପାରେ । ଅଧ୍ୟୟନରୁ ମିଳିଥିବା ତଥ୍ୟ ଅନୁଯାୟୀ ନିଦ୍ରା ଅଭାବ, ଷ୍ଟ୍ରେସ, ଅଳସୁଆମୀ ଜୀବନ ଶୈଳୀ, ଭୋଜନ ତ୍ୟାଗ କରିବା ଓ ପେଟର ଚର୍ବି ଆଦି ଏହାର ମୁଖ୍ୟ ଲକ୍ଷଣ ହୋଇଥାଏ । ଏହା ଅନୁଯାୟୀ ଭାରତର ୬୪% ଲୋକ ହୃଦୟ ସମସ୍ୟାର ଶିକାର ହୋଇଛନ୍ତି । ଏହି ଅବସରରେ ପଦ୍ମଶ୍ରୀ ଉପାଧିଧାରୀ, ଏଣ୍ଡୋକ୍ରିନଲଜିଷ୍ଟ ଡ଼ା ଶଶାଙ୍କ ଜୋଶୀ କହିଛନ୍ତି ଯେ, "ବର୍ତ୍ତମାନ ଜୀବନ ଶୈଳିକୁ ଦେଖି ଜଣାଯାଉଛି ଯେ, ଭବିଷ୍ୟତରେ ହୃଦୟ ରୋଗ ଏକ ଜଟିଳ ସମସ୍ୟା ଭାବରେ ସାମ୍ନାକୁ ଆସିପାରେ । ଗବେଷଣାରୁ ଜଣାଯାଇଛି ଯେ ୭.୫ ଘଣ୍ଟାରୁ କମ୍ ଶୋଉଥିବା ବ୍ୟକ୍ତି ହୃଦ ସମସ୍ୟାର ଶିକାର ହୋଇଛନ୍ତି । ବର୍ତ୍ତମାନ ସମୟରେ ଅଣଦେଖା କରୁଥିବା ଏହି ଜୀବନ ଶୈଳୀ ଭବିଷ୍ୟତରେ ବହୁ ସମସ୍ୟାକୁ ଜନ୍ମ ଦେଇଥାଏ ।" ମୁଖ୍ୟ ହୃଦୟ ସୁସ୍ଥ ଜୀବନ ଶୈଳୀରେ ବଞ୍ଚିବା ପାଇଁ ପୋଷଣ ବିଶେଷଜ୍ଞ ନୀତି ଦେଶାଇ କହିଛନ୍ତି ଯେ, " ଆମର ଦୈନନ୍ଦିନ ଜୀବନ ଶୈଳୀରେ ସ୍ୱାସ୍ଥ୍ୟ ଏକ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଅଟେ । ଆପଣଙ୍କର ଜୀବନ ଶୈଳୀ ଏବଂ ହୃଦୟ ସ୍ୱାସ୍ଥ୍ୟ ରିସ୍କ ମଧରେ ସଫୋଲାଲାଇଫ୍ ଅଧ୍ୟୟନ ଏକ ମଜବୁତ ସହ ସମ୍ବନ୍ଧ ଦର୍ଶାଉଛି । ଏ ସମସ୍ତ ଛୋଟ ଛୋଟ ଅଭ୍ୟାସକୁ ଅଣଦେଖା ନକରି ଏବଂ ନିଜର ଜୀବନ ଶୈଳୀରେ ସକାରାତ୍ମକ ପରିବର୍ତ୍ତନ କରି ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କ ଜୀବନ ଶୈଳୀରେ ଛୋଟ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିବା ଆରମ୍ଭ କରିପାରିବେ । ସଠିକ ଖାଇବା, ଜଙ୍କ ଖାଦ୍ୟ ଏଡାଇବା, ନିୟମିତ ବ୍ୟାୟାମ କରିବା, ଭଲ ଭାବେ ଶୋଇବା ଏବଂ ଷ୍ଟ୍ରେସ ହ୍ରାସ କରିବା ଦ୍ୱାରା ଏହାକୁ ସହଜରେ ରୋକାଯାଇ ପାରିବ ।"

